> ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ- ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। **–ଶ୍ରୀଅରବିନ୍ଦ**

# ପୁଲ୍‌ୱାମା ମାରିଲା ଅତିକ୍‌ଙ୍କୁ

ଜମ୍ମୁ ଓ କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ପୁଲ୍‌ୱାମା ଆକ୍ରମଣ ପ୍ରସଙ୍ଗରେ ନିକଟରେ ଦେଇଥିବା ଚାଞ୍ଚଲ୍ୟକର ତଥ୍ୟ କେନ୍ଦ୍ର ସରକାରଙ୍କୁ ଅଡୁଆରେ ପକାଇ ଦେଇଛି। ୨୦୧୯ ଫେବୃୟାରୀ ୧୪ରେ ଆତଙ୍କବାଦୀଙ୍କ ଆକ୍ରମଣରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ (ସିଆର୍‌ପିଏଫ୍)ର ୪୦ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା। କେନ୍ଦ୍ରର ଦାୟିତ୍ୱହୀନତା ଯୋଗୁ ଏଭଳି ଘଟିଥିଲା ବୋଲି ଗଣମାଧ୍ୟମରେ ସତ୍ୟପାଲ କହିଥିଲେ। ସତ୍ୟପାଲଙ୍କ ରାଜନୈତିକ ଇତିହାସ ଦେଖିଲେ ଜଣାପଡ଼େ ଯେ ସେ ଉତ୍ତର ପ୍ରଦେଶର ପୂର୍ବତନ ନେତା ଚରଣ ସିଂଙ୍କ ଅନୁଗାମୀ। ପରବର୍ତ୍ତୀ ସମୟରେ ଭାଜପାରେ ମିଶି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନିକଟତର ହୋଇପାରିଥିଲେ। ସମ୍ଭବତଃ ସେଥିପାଇଁ ତାଙ୍କୁ ଜମ୍ମୁ-କଶ୍ମୀର, ଗୋଆ, ମେଘାଳୟ ଭଳି ରାଜ୍ୟରେ ରାଜ୍ୟପାଳ କରାଯାଇଥିଲା। ଜମ୍ମୁ-କଶ୍ମୀରର ରାଜ୍ୟପାଳ ଭାବେ କାର୍ଯ୍ୟନିର୍ବାହ କରୁଥିବା ବେଳେ ସତ୍ୟପାଲଙ୍କ କହିବା ଅନୁଯାୟୀ ତାଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ସୁରକ୍ଷା ସମ୍ପର୍କରେ ଅନେକ ପ୍ରସ୍ତାବ ଦିଆଯାଇଥିଲା। ଏବେ ପ୍ରଥମେ ଏକ ହିନ୍ଦୀ ଓ ଦ୍ୱିତୀୟରେ ଇଂଲିଶ୍ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ, ସିଆର୍‌ପିଏଫ୍‌ର ପଦାଧିକାରୀମାନେ ଉଡ଼ାଜାହାଜ ମାଧ୍ୟମରେ ସୈନ୍ୟମାନଙ୍କୁ ସ୍ଥାନାନ୍ତରିତ କରାଯାଉ ବୋଲି କେନ୍ଦ୍ରକୁ ଅନୁରୋଧ କରିଥିଲେ। ରାଜ୍ୟପାଳ ଭାବେ ତାଙ୍କୁ ଏଇ ଅନୁରୋଧ ସମ୍ପର୍କରେ ସୂଚାଇ ଦିଆଯାଇଥିଲା। ତଥାପି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏଭଳି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା, ଯାହାର ଫଳାଫଳ ହେଲା ପୁଲ୍‌ୱାମା ବିସ୍ଫୋରଣ ଓ ଅନେକ ଯବାନଙ୍କ ମୃତ୍ୟୁ। ଯେତେବେଳେ ସତ୍ୟପାଲ ମଲିକ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ଉଭୟେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଜାତୀୟ ନିରାପତ୍ତା ପରାମର୍ଶଦାତା ଅଜିତ୍ ଡୋଭାଲ ତାଙ୍କୁ ଚୁପ୍ ରହିବାକୁ କହିଥିଲେ।

ଭାରତରେ ଅନେକ ଏଭଳି ବ୍ୟକ୍ତିବିଶେଷ ଅଛନ୍ତି, ଯେଉଁମାନେ କ୍ଷମତାରେ ଥିବାବେଳେ ନୀରବ ରହିଥାନ୍ତି। କ୍ଷମତାରୁ ବିତାଡ଼ିତ ହେବା ପରେ ତାଙ୍କର ଦେଶପ୍ରେମ ଓ ସବୁ ପ୍ରକାରର ସଚ୍ଚୋଟପଣିଆ ବିଚକ୍ଷଣ ଭାବେ ଫୁଟିକି ବାହାରେ। କିନ୍ତୁ ସତ୍ୟପାଲ ମଲିକଙ୍କୁ ସେହି ଗୋଷ୍ଠୀରେ ସାମିଲ କରାଯାଇପାରିବ ନାହିଁ। ରାଜ୍ୟପାଳ ଥିବା ସମୟରେ ମଧ୍ୟ ନିଜର ପଦବୀ କିମ୍ବା ସୁରକ୍ଷାକୁ ବେଖାତିର କରି ଚାଷୀ ଆନ୍ଦୋଳନ ସପକ୍ଷରେ ସତ୍ୟପାଲ ବାହାରିଥିଲେ। ସେତେବେଳେ ମଲିକ ମତ ଦେଇଥିଲେ ଯେ ତିନୋଟି କଳା କୃଷି ଆଇନ ଦେଶର କୃଷକଙ୍କୁ ପ୍ରବଳ କ୍ଷତି ପହଞ୍ଚାଇବ। ତେଣୁ ଆଇନ ଅତିଶୀଘ୍ର ପ୍ରତ୍ୟାହାର କରିନେବା ପାଇଁ ସତ୍ୟପାଲ ପ୍ରଧାନମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

ସମସ୍ୟାଟି ପୁନର୍ବାର ଏବେ ମୁଣ୍ଡ ଟେକିଛି। ସତ୍ୟପାଲଙ୍କ ଦୁଇଟି ସାକ୍ଷାତକାର ଦେଶର ରାଜନୈତିକ ସ୍ଥିତିକୁ ବିସ୍ଫୋରକ କରାଇଛି। ତାଙ୍କର ମତକୁ ଲୋକଲୋଚନଠାରୁ ଦୂରେଇ ନେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିଲା। କାରଣ ତାଙ୍କ ମତରୁ ସ୍ପଷ୍ଟ ଜଣାପଡ଼ିଥିଲା ୨୦୧୯ ନିର୍ବାଚନ ପୂର୍ବରୁ ପୁଲ୍‌ୱାମା ଆକ୍ରମଣ ବାସ୍ତବରେ ଭାରତର କେନ୍ଦ୍ର ସରକାରଙ୍କ ଅସାବଧାନତା ଯୋଗୁ ଘଟିଥିଲା। କିନ୍ତୁ ତାହାକୁ ରାଜନୈତିକ ଦିଗରେ ବ୍ୟବହାର କରିବା ପାଇଁ ଭାଜପା ପଛାଇ ନ ଥିଲା। ସେଥିପାଇଁ ୨୦୧୯ ନିର୍ବାଚନରେ ଭାଜପାର ବିପୁଳ ବିଜୟ ହେଲା। କାରଣ ସାଧାରଣ ଭୋଟର ଦେଶପ୍ରେମ ନିଶାରେ ଭୋଳିଗଲେ। ଏବକାର ସତ୍ୟପାଲଙ୍କ ବୟାନ ପ୍ରମାଣ କରିଦେଉଛି ଯେ, ସାଧାରଣ ଭାରତୀୟ ଭୋଟର ଅତ୍ୟନ୍ତ ଅଜ୍ଞାନ ହୋଇଥିବାରୁ ସେମାନଙ୍କୁ ଏଭଳି ବାଟବଣା କରାଇଦେବା ସହଜ ହୋଇଥିଲା।

ପୁନର୍ବାର ୨୦୨୪ରେ ନିର୍ବାଚନ ହେବାକୁ ଯାଉଛି। ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଏପରିକି ଓଡ଼ିଶା ଭଳି ରାଜ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ମୁଣ୍ଡ ଟେକିଲାଣି। ଏଭଳି ଉଷ୍ଣମତା ସୃଷ୍ଟି ହେଉଥିବା ସମୟରେ ସତ୍ୟପାଲ 'କେଁ' ପୂରାଇଦେଲେ। ସେହି କେଁକୁ ଟାଳିଦେବା ପାଇଁ ଲୋକଙ୍କ ଦୃଷ୍ଟି ଅନ୍ୟତ୍ର ନେବା ଅତ୍ୟନ୍ତ ଆବଶ୍ୟକ ବୋଲି ଯେକୌଣସି ରାଜନୈତିକ ପର୍ଯ୍ୟବେକ୍ଷକ ବୁଝିପାରିବେ। ଏଭଳି ରଙ୍ଗମଞ୍ଚରେ ଉତ୍ତର ପ୍ରଦେଶର ପୂର୍ବତନ ମାଫିଆ ଡନ୍ ଯିଏ ନିଜ ଜୀବନର ବାଟ ପରିବର୍ତ୍ତନ କରି ରାଜନୀତି ଆରମ୍ଭ କରିଥିଲେ, ତାଙ୍କ ଉପରେ ଦୃଷ୍ଟି ପଡ଼ିଲା। ପ୍ରଥମେ ତାଙ୍କ ପୁତ୍ର ଓ ସହଯୋଗୀଙ୍କୁ ଏନ୍‌କାଉଣ୍ଟର କରି ଗୁଳି କରାଗଲା। ହତ୍ୟା କରିଥିବା ପୋଲିସ କେବଳ ଓଡ଼ିଶାର ଗୋପାଳ ଦାସରେ ସୀମିତ ନୁହେଁ, ଉତ୍ତର ପ୍ରଦେଶ ପୋଲିସ ମଧ୍ୟ ସେହି ପ୍ରକାର ହତ୍ୟା କଲେ। ଆଶା କରାଯାଇପାରୁଥାଏ ଯେ ଗଣମାଧ୍ୟମ ଜରିଆରେ ସେହି ଘଟଣାକୁ ଯଥେଷ୍ଟ ପ୍ରଚାର କରି ଗୁଣ୍ଡାମି ବିରୋଧରେ ବାହାବା ନିଆଯିବ। ସେହି ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସମ୍ପୃକ୍ତ ପୋଲିସ ଅଫିସରଙ୍କୁ ସାଧାରଣରେ ପ୍ରଶଂସା କଲେ। କେହି ଜଣେ ପ୍ରଶ୍ନ କଲେ ନାହିଁ ଯେ ଏଭଳି ହତ୍ୟା କରିବାର କ୍ଷମତା ପୋଲିସକୁ ମିଳିଗଲେ ଯେକୌଣସି ବ୍ୟକ୍ତି ବିରୋଧରେ ମିଛ ମାମଲା ଆଣି ଏନ୍‌କାଉଣ୍ଟର ମାଧ୍ୟମରେ ହତ୍ୟା କରାଯାଇପାରିବ। ମନେରଖିବାକୁ ହେବ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ କେହି ସର୍ବଦା କ୍ଷମତାରେ ରହିବେ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ। ଅତିକ୍‌ଙ୍କ ପୁତ୍ରଙ୍କ ହତ୍ୟା ପୂର୍ବରୁ ୮ ଏପ୍ରିଲ୍‌ରେ ପ୍ରଶାନ୍ତ ଟଣ୍ଡନଙ୍କୁ ହିନ୍ଦୀ ଚାନେଲରେ ସତ୍ୟପାଲ ଦେଇଥିବା ସାକ୍ଷାତକାର ପ୍ରସାରିତ ହୋଇଥିଲା। ସେଥିରେ ସବୁ ଅସୁବିଧା କଥା କୁହାଯାଇଥିବାରୁ କେନ୍ଦ୍ର ସରକାର ସ୍ୱାଭାବିକ ଭାବେ ବ୍ୟତିବ୍ୟସ୍ତ ହୋଇପଡ଼ିଥିବେ। କିନ୍ତୁ ହିନ୍ଦୀରେ ପ୍ରସାରଣ କରାଯାଇଥିବାରୁ ତାହାର ପ୍ରଭାବ ସୀମିତ ରହିଯାଇଥିଲା। ସପ୍ତାହକ ମଧ୍ୟରେ ଅର୍ଥାତ୍ ଏପ୍ରିଲ ୧୫ରେ କରନ୍ ଥାପରଙ୍କ ଦ୍ୱାରା 'ଦି ୱେର୍' ନ୍ୟୁଜ୍ ପୋର୍ଟାଲରେ ସତ୍ୟପାଲଙ୍କ ଇଂଲିଶ୍ ଭାଷାର ସାକ୍ଷାତକାର ତତ୍‌କ୍ଷଣାତ୍ ଭାଇରାଲ ହୋଇଗଲା। ଫଳସ୍ୱରୂପ ପୁଅ ପରେ ବାପା ଓ କକେଇଙ୍କର ମୃତ୍ୟୁ ଘଣ୍ଟି ବାଜିଲା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 3 | | | 5 | 8 |
| 2 | 3 | | 6 | | | | | |
| | | | | 9 | | | | |
| | | 3 | | 6 | | 4 | | |
| 4 | | | | 2 | | | | 3 |
| 1 | 8 | | | | | | | |
| | | | 1 | 4 | | | 3 | |
| 8 | | 1 | | 5 | 2 | | | |
| | | 2 | | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 1 | 7 | 8 | 6 | 3 | 2 | 5 |
| 6 | 7 | 3 | 4 | 5 | 2 | 8 | 9 | 1 |
| 5 | 2 | 8 | 1 | 3 | 9 | 4 | 7 | 6 |
| 2 | 8 | 4 | 5 | 1 | 7 | 6 | 3 | 9 |
| 9 | 6 | 5 | 3 | 2 | 4 | 1 | 8 | 7 |
| 3 | 1 | 7 | 9 | 6 | 8 | 5 | 4 | 2 |
| 8 | 5 | 6 | 2 | 9 | 3 | 7 | 1 | 4 |
| 1 | 4 | 2 | 8 | 7 | 5 | 9 | 6 | 3 |
| 7 | 3 | 9 | 6 | 4 | 1 | 2 | 5 | 8 |

ଗତକାଲିର ଉତ୍ତର

# ନିଶ୍ଚିତ ରୋଜଗାର ଯୋଜନା



ସହଦେବ ସାହୁ

ଗତ ଲେଖା 'ବଜେଟ- ମୁଣ୍ଡପିଛା ୬୦ ହଜାର ଟଙ୍କା'ରେ ମୁଁ ଧାରଣା ଦେଇଥିଲି- ବର୍ତ୍ତମାନ ବିପିଏଲ୍ ଓ ଏପିଏଲ୍ ତାଲିକାରେ ଥିବା ଆମ ରାଜ୍ୟର ପ୍ରାୟ ୨ କୋଟି ୨୦ ଲକ୍ଷ ଗରିବ (ପ୍ରାୟ ୫୫ ଲକ୍ଷ ପରିବାର)ଙ୍କୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ଦେଲେ ଗରିବୀ ହଟିଯିବ ଓ 'ଓଡ଼ିଶା ରାଜ୍ୟ ପ୍ରଶାସନ' ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିପାରିବ। ଏ ଏକ ୟୁଟୋପିଆ (ପରୀରାଇଜ କାହାଣୀ) ବୋଲି କେତେକ ପ୍ରଶ୍ନ କରିଛନ୍ତି ତ ନବନିର୍ମାଣ କୃଷକ ମଞ୍ଚ ପ୍ରଶ୍ନ କରିଛି ରାଜ୍ୟର ବିକାଶ ବିଶେଷତଃ ଜଳକଷ୍ଟ (ଉଭୟ ଚାଷ ଓ ପାନୀୟ)ପାଇଁ ଯଥେଷ୍ଟ ପଇସା ବଳିବ ତ! ବର୍ତ୍ତମାନର 'ଫ୍ରିବି' ସରକାର ତ ମହାନଦୀକୁ ଶୁଖାଇଦେଲେଣି! ମୁଁ ଯେଉଁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ବ୍ୟବସ୍ଥାର ଅବତାରଣା କରିଛି, ତାହା ରାଜ୍ୟ ସରକାରଙ୍କ ବର୍ତ୍ତମାନର ୨ ଲକ୍ଷ ୩୦ ହଜାର କୋଟି ବଜେଟ ଏବଂ ଏଣିକି ପ୍ରତିବର୍ଷ ରାଜ୍ୟର ଅଭିବୃଦ୍ଧି ହାର ୬.୫%ରୁ କମ୍ ହେବନି ବୋଲି ତାଙ୍କ ଇକୋନୋମିକ୍ ସର୍ଭେରେ କହିଥିବା ପରିପ୍ରେକ୍ଷୀରେ କହିଛି। ଯୋଜନାର ନାମକରଣରେ ଯେଉଁ ପ୍ରହେଳିକା ଆମ 'ଫାଇଭ୍ ଟି' ସରକାର ଗ୍ରହଣ କରିଛନ୍ତି ସେହି କ୍ରମରେ ଏହାକୁ "ନୀର"(NIR-NISCHITA ROJAGAR) ବା "ନୀରୋଗ" (ନିର୍ସ ରୋଜଗାର ଗ୍ୟାରେଣ୍ଟି) ନାମ ଦେଇପାରନ୍ତି।

ବିପିଏଲ୍ ଓ ଏପିଏଲ୍ କାର୍ଡଧାରୀମାନଙ୍କୁ ଗରିବ ଧରିଲେ ଉପଭୋକ୍ତା ସଂଖ୍ୟା ପ୍ରାୟ ୫୫ ଲକ୍ଷ ପରିବାର ବା ୨ କୋଟି ୨୦ ଲକ୍ଷ ଲୋକ। ଆରମ୍ଭ ବର୍ଷରେ ୧୮ ବର୍ଷରୁ ବଡ଼କୁ ୪୫୦୦ ଓ ସାନକୁ ୧୫୦୦ ଟଙ୍କା ଲେଖାଏ ଦେଲେ ୨ ବଡ଼, ୨ ସାନ ଥିବା ୪ ଜଣିଆ ପରିବାରକୁ ମାସିକ ୧୨ ହଜାର ଟଙ୍କା ବା ୩ ବଡ଼, ୧ ସାନ ଥିବା ପରିବାରକୁ ମାସିକ ୧୫ ହଜାର ମିଳିବ। ପରେ ତିନିବର୍ଷ ଯାଏ ପ୍ରତିବର୍ଷ ୬.୫% ଅଭିବୃଦ୍ଧି କରିବାକୁ ପଡ଼ିବ, ତାହା ହିଁ ସୀମା ରହିବ। ଏ ବର୍ଷ ପ୍ରତି ପରିବାରକୁ ମାସିକ ହାରାହାରି ୧୨,୦୦୦ରୁ ୧୫,୦୦୦ ଯାଏ ଦେଲେ ବର୍ଷକୁ ୫୫ ଲକ୍ଷ ପରିବାରକୁ ୭,୯୨୦ ଲକ୍ଷ କୋଟିରୁ ୯,୯୦୦ ଲକ୍ଷ କୋଟି ଟଙ୍କା ଭିତରେ ବା ହାରାହାରି ୮,୯୦୦ ଲକ୍ଷ କୋଟି ବଣ୍ଟାଯିବ- ଅନ୍ୟ ଖର୍ଚ୍ଚ ପାଇଁ ବଳିବ ୨,୨୧,୦୦୦ ଲକ୍ଷ କୋଟି। ତହିଁରୁ ଦରମା ଓ ଭତ୍ତା ବାବଦ ବ୍ୟୟ ଅଟକଳ ୯୮,୦୦୦ କୋଟି ବା ଅତିବେଶିରେ ୧ ଲକ୍ଷ କୋଟି ଛାଡ଼ିଦେଲେ ବିକାଶ କାର୍ଯ୍ୟ ପାଇଁ ରହିବ ୧,୧୧,୦୦୦ଲକ୍ଷ କୋଟି। ନିଶ୍ଚିତ ଆୟ ଏକ ପବ୍ଲିକ୍ ପଲିସି ହୋଇଯିବ, ଶାସକ ଦଳର ଦାନ(ଫ୍ରିବି) ବୋଲି ଧରାଯିବନାହିଁ। ୧୯୬୭ରେ ଡ. ମାର୍ଟିନ୍ ଲୁଥର୍ କିଙ୍ଗ୍ ବି ଆମେରିକାରେ କହିଥିଲେ, ସବୁ ଗରିବଙ୍କୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ଦେଲେ କଳାଲୋକଙ୍କ ଉପରେ ଜୁଲମ୍ କରିବାର ପରିସ୍ଥିତି ରହିବ ନାହିଁ ଏବଂ ବର୍ଣ୍ଣଗତ ଘୃଣା ଓ ତଜ୍ଜନିତ ଆନ୍ଦୋଳନ ସବୁ ବନ୍ଦ ହୋଇଯିବ। ପୋଲିସ ବୃଟାଲିଟି (ବର୍ବରତା) କଥା ଉଠୁଛି ଗରିବ ପ୍ରତି ବ୍ୟବସ୍ଥାଗତ ହିଂସା ଯୋଗୁ। ଆମର ପୂରା ଦୃଷ୍ଟି ରହିବା କଥା ଗରିବୀ ହଟାଇବାରେ: ତେଣୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍‌ର ଶୁଭାରମ୍ଭ କରିବାର ମାହେନ୍ଦ୍ର ବେଳା ଏବେ ଆସିଯାଇଛି। ସାଧାରଣ ପରିମାଣର ଧନ ଯୋଗାଇଥିବା ଗ୍ୟାରେଣ୍ଟିଡ୍ ଇନ୍‌କମ୍ ଜୀବନଧାରା ବଦଳାଇବା ଲାଗି ଯଥେଷ୍ଟ ନୁହେଁ। କିନ୍ତୁ ତିନିବର୍ଷ ଯାଏ ଏହାକୁ ୬.୫% କରି ବଢ଼ାଇବାକୁ ପଡ଼ିବ, ତା' ପରେ ସ୍ଥିର ରଖାଯିବ। ବର୍ତ୍ତମାନର ସରକାରଙ୍କ ଅର୍ଥନୀତି ସର୍ଭେ ଦର୍ଶାଉଛି ଯେ, ଆସନ୍ତା ବର୍ଷଗୁଡ଼ିକରେ ରାଜ୍ୟର ଆୟ ସେହି ବା ଅଧିକ ହାରରେ ବଢ଼ିବ- ଅଣଟିକସ, ଟିକସ ଓ କେନ୍ଦ୍ରୀୟ ଟିକସର ଅଂଶ ଆଦିକୁ ମିଶାଇ।



କାଳିଆ ଯୋଜନାରେ ବର୍ଷକୁ କୃଷକ ପରିବାରକୁ ୪ ହଜାର, କୃଷି ବୀମାରେ ଅନିଶ୍ଚିତ ରିଲିଫ୍, ବୃଦ୍ଧାବୃଦ୍ଧ ବିଧବା ଅକର୍ମଣ୍ୟ ଭତ୍ତା ଆଦି ମାତ୍ର ଶହେ ଦୁଇଶହ ଟଙ୍କା ଭଳି ଶାସକ ଦଳର ଭୋଟ୍ କ୍ରିୟାଭିମୁଖୀ ଦାନ ଆଉ ଦରକାର ହେବନାହିଁ। ସବୁ ପ୍ରକାରର ସାମାଜିକ ନିରାପତ୍ତା ବ୍ୟବସ୍ଥା ରହିବ ନାହିଁ, ଟଙ୍କିକିଆ ଚାଉଳ ଯୋଗାଇବାରେ ଅଯଥା ଖର୍ଚ୍ଚ, ଭିକାରି ବୃତ୍ତି ଓ ଚାଷୀ ଆତ୍ମହତ୍ୟା, ଧାନକିଣା(ଏପରି କି ରାଜ୍ୟରେ ଏଫ୍‌ସିଆଇର ଆବଶ୍ୟକତା ରହିବ ନାହିଁ) ସବ୍‌ସିଡି ଦରକାର ନାହିଁ। ଖୋଲା ବଜାର ସ୍ୱଚ୍ଛ ହେବ। ଲୋକେ ରାଇଟ୍ ଟୁ ଏଜୁକେଶନ ଜାହିର କରିପାରିବେ। ରାଜସ୍ଥାନ ସରକାର ଯେପରି କଲେଣି ସେପରି ରାଇଟ୍ ଟୁ ହେଲ୍‌ଥ ଆଇନ ଆଣିଲେ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ପାଉଥିବା ଲୋକେ ଅଲବତ୍ ଚିକିତ୍ସା ଦାବି କରିବେ। ଲୋକେ ରାଜନୈତିକ ଦଳର ବିକାଶମୁଖୀ ନିର୍ବାଚନ ଇସ୍ତାହାର ଉପରେ ହିଁ ଭୋଟ୍ ଦେବେ। ରାଜ୍ୟର ଅଭିବୃଦ୍ଧି ଓ ମାନବିକ ସମ୍ବଳର ବିକାଶରେ ଆଶାର ସଞ୍ଚାର କରୁଥିବା ଦଳକୁ ହିଁ ଭୋଟ୍ ଦେବେ। ବଳଦିଆ ହିସାବରେ ରାଜନୀତି ଜୀବନରେ ସ୍ୱଚ୍ଛତା ଆସିଯିବ।

ଖାଲି ପାଦରେ ଚାଲି ଚାଲି ବାଙ୍ଗାଲୋରରୁ ମାର୍ଚ୍ଚ ୨୬ରେ ବାହାରି ଏପ୍ରିଲ ୩ରେ ପଟାଙ୍ଗୀରେ ପହଞ୍ଚିଥିବା କଳାହାଣ୍ଡି ଜୟପାଟଣାର ଟିଙ୍ଗଲକଣ ଗାଁର ତିନିଜଣ- କତାର ମାଝି, ବୁଦ୍ଧୁ ମାଝି ଓ ଭିକାରୀ ମାଝି – ଭଳି ମାଇଗ୍ରାଣ୍ଟ ଲେବରର୍ (ଦାଦନ ଶ୍ରମିକ)ଙ୍କ କାହାଣୀ ପାଠକମାନେ ଶୁଣିଥିବେ- କମ୍ପାନୀକୁ ମଜୁରି ମାଗିଲାରୁ କମ୍ପାନୀ ଲୋକେ ଏତେ ପିଟିଲେ ଯେ ସହି ନ ପାରି ସେମାନେ ପଳାଇ ଆସିଛନ୍ତି ଖାଲିପାଦରେ ଦେଢ଼ହଜାର କିଲୋମିଟର। ଏଭଳି ପରିସ୍ଥିତି କାଳକ୍ରମେ ଉଭେଇଯିବ। ସରକାର ବଜେଟର ବାକି ଟଙ୍କାତକ ପାଣି ଅଭାବ ସମସ୍ୟା ଓ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ସମାଧାନ କରିବାରେ ଲଗାଇହେବ। ସମୁଦ୍ରକୁ ବୋହିଯାଉଥିବା ୬୦% ମହାନଦୀର ପାଣିକୁ ଓଡ଼ିଶାରେ ନଦୀପାର୍ଶ୍ୱ ଖାଲୁଆ ପାହାଡ଼ଘେରା ଅଞ୍ଚଳରେ କୃତ୍ରିମ ହ୍ରଦ ବା ଜଳଭଣ୍ଡାର ତିଆରି କରିହେବ, ଦରକାର ପଡ଼ିଲେ କୃତ୍ରିମ ହ୍ରଦର ଜଳହ୍ରାସ ପରିମାଣ କମାଇବା ଲାଗି ହ୍ରଦ ବା ପୁଷ୍କରିଣୀ ଭୂଇଁକୁ ଓ କାନ୍ଥକୁ ରାସାୟନିକ ଟ୍ରିଟ୍‌ମେଣ୍ଟ କରାଯାଇପାରିବ, ଯେପରି ଜଳ ଭୂତଳଗାମୀ ହେବନାହିଁ। ଜଳଭଣ୍ଡାର ଉପରେ ସୋଲାର ପ୍ୟାନେଲ୍ ଲଗାଇ ସବୁଜ ବିଜୁଳି ଉତ୍ପାଦନ କରିହେବ, ଯାହାର ପରିଚାଳନା ଓ ଲାଭ ନିକଟ ପଞ୍ଚାୟତ ବା ପଞ୍ଚାୟତ ସମିତିର ଦାୟିତ୍ୱ ହୋଇପାରିବ। ଏପରି ଜଳାଶୟ ନିର୍ମାଣରେ ଚାଷୀକୁଳକୁ ଜମି ହରାଇବାକୁ ପଡ଼ିବନାହିଁ। ତେଣୁ ନିର୍ମାଣରେ ବାଧା ଆସିବନାହିଁ। ଏବର ଆଡ଼ିବନ୍ଧ ନୁହେଁ, ଆନିକଟ୍ କରିବାକୁ ପଡ଼ିବ ସବୁ ନଦୀରେ, ପାଣି ମହଜୁଦ ରଖିବାର ପରିମାଣ ଅନୁସାରେ ଆନିକଟ-ଉଚ୍ଚତା ରଖାଗଲେ ସମସ୍ତଙ୍କୁ ଲାଭହେବ। ପାଖ ଭୂଇଁରେ ଗଛଲତା ବିଶେଷତଃ ଫଳବୃକ୍ଷ ଲଗାଗଲେ ଖାଦ୍ୟର ବିବିଧତା ସଙ୍ଗେସଙ୍ଗେ ସ୍ୱାସ୍ଥ୍ୟ ବୃଦ୍ଧି ଘଟିବାର ସୁଯୋଗ ମିଳିବ। ୟୁଟୋପିଆ ଭଳି ଲାଗିପାରେ କାରଣ ଆମର ବର୍ତ୍ତମାନର ହଠାତ୍ ଲାଭବାନ୍ ହେବାର ଇଚ୍ଛା ରାଜନେତାମାନଙ୍କ ଆଚରଣରୁ ହଟାଇବାକୁ କିଛି ସମୟ ଲାଗିପାରେ। କିନ୍ତୁ ପାଠପଢ଼ା ସୁଯୋଗ ପାଇ ଭବିଷ୍ୟତ ପିଲାମାନେ ଆପେଆପେ 'ଫାଇଭ୍ ଟି' ମନ୍ତ୍ରରେ ନିଜ ଚରିତ୍ରକୁ ପଖାଳିନେବେ। ସରକାର କହୁଛନ୍ତି, ପ୍ରତିବର୍ଷ ରାଜସ୍ୱ ବୃଦ୍ଧି ୬ରୁ ୭% ହେଉଛି। ତେଣୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ୭% ଲେଖାଏ ଆସନ୍ତା ଦୁଇବର୍ଷ ଯାଏ ବଢ଼ାଯାଇପାରିବ।

କମ୍ ଦରମା ପାଉଥିବା ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଆଉ ଆଶାକର୍ମୀ ବା ଅଙ୍ଗନୱାଡିରେ ନିଯୁକ୍ତ ଭଉଣୀମାନେ ଏପରି କି ସେଲ୍ଫ୍ ହେଲ୍ପ ଗ୍ରୁପ୍(ଏସ୍‌ଏଚ୍‌ଜି)ର ଭଉଣୀମାନେ ନିଜ ଦରମା ସହ ଗ୍ୟାରେଣ୍ଟିଡ୍ ଆୟ ପାଇଲେ ଓଡ଼ିଶାରେ ମାନବ ସମ୍ବଳର ଅଭିବୃଦ୍ଧିକୁ ବିଶ୍ୱରେ ଅତୁଳନୀୟ କରିଦେବ ଓ ହାପିନେସ୍ ଇଣ୍ଡେକ୍ସରେ ଓଡ଼ିଶା ରାଜ୍ୟକୁ ଫିନ୍‌ଲାଣ୍ଡ (ଜନସଂଖ୍ୟା ୫୬ ଲକ୍ଷ)ସହ ତୁଳନୀୟ କରିଦେବ।

sahadevas@yahoo.com

# ମାନସିକ ଅସୁସ୍ଥ ମଣିଷଟି



ଡ.ବାସୁଦେବ ମିଶ୍ର

ଗାଡ଼ିମୋଟରରେ ଅଥବା ଚାଲିଚାଲି ଯିବାବେଳେ ଆମେ କେବେ କେମିତି କିଛି ଲୋକଙ୍କୁ ରାସ୍ତା କଡ଼ରେ, ଧୁମ୍ ଖରାରେ, ବର୍ଷାରେ ଅଥବା ଶୀତକାକରରେ ବସିଥିବାର, ଶୋଇଥିବାର ଦେଖୁ। ପ୍ରଚଣ୍ଡ ଖରାରେ ତାଙ୍କ ମୁଣ୍ଡ ଉପରେ ଗାମୁଛାଖଣ୍ଡେ ନ ଥାଏ କି ଜାଡ଼ ଶୀତରେ ତାଙ୍କ ଦେହରେ ଖଣ୍ଡେ ଗଞ୍ଜି କି ଶାର୍ଟ। ସେପରି ଲୋକଙ୍କୁ ଆମେ ପାଗଳ ବୋଲି କହି ମୁହଁ ବୁଲେଇ ଚାଲିଯାଉ। ସେମାନେ କ'ଣ ଖାଆନ୍ତି, କେଉଁଠି ରହନ୍ତି, ଏ ବିଷୟରେ ଆମେ ଚିନ୍ତାକରୁନା। ଚିନ୍ତା କରିବା ଆବଶ୍ୟକ ବି ମନେକରୁନା। କିନ୍ତୁ ଶରୀର ଅଛି ମାନେ କ୍ଷୁଧା ତ ଅଛି, ଖାଦ୍ୟ ତ ତା' ପାଇଁ ନିଶ୍ଚୟ ଦରକାର। ବସ୍ତ୍ର ତ ଆବଶ୍ୟକ। ଲଜ୍ଜା ନିବାରଣ ପାଇଁ ବି, ଶୀତକାକର, ବର୍ଷା, ଖରାରୁ ରକ୍ଷା ପାଇବା ଲାଗି ବି। ଲଜ୍ଜାର ଅନୁଭବ ତା'ର ସିନା ନାହିଁ ଅନ୍ୟମାନଙ୍କର ତ ଅଛି। ଖରା, ଶୀତକାକରରେ ଶରୀରରେ କଷ୍ଟର ଅନୁଭବ ତା'ର ମସ୍ତିଷ୍କ ହୁଏତ ଗ୍ରହଣ କରିପାରେନାହିଁ। କିନ୍ତୁ ଶରୀର ତ କଷ୍ଟ ନିଶ୍ଚୟ ପାଉଛି। ଆମ ଘରେ କେହି ମାନସିକସ୍ତରରେ ଏମିତି ବିକୃତ ହେଲେ ଆମେ ତାଙ୍କର ଯତ୍ନ ନେଉ। ତାଙ୍କର ଖାଇବା ପିଇବାଠାରୁ ଆରମ୍ଭକରି ଔଷଧ, ଡାକ୍ତର ଏମିତି ଅନେକ ଦୃଷ୍ଟିରୁ ଆମେ ତାଙ୍କ କଥା ବୁଝୁ। ଯେଉଁମାନଙ୍କର କେହି ନାହାନ୍ତି ଯତ୍ନ ନେବା ପାଇଁ, ହୁଏତ ସେମାନଙ୍କ କ୍ଷେତ୍ରରେ ଏପରି ହେବା ସ୍ୱାଭାବିକ। କିନ୍ତୁ ଏମିତି ଅନେକ ପରିବାର ଅଛନ୍ତି, ଏପରି ସ୍ଥିତିରେ ପରିବାରର ଅନ୍ୟମାନେ ସେହି ଲୋକଟିର ଯତ୍ନ ନେବା ପରିବର୍ତ୍ତେ ତାକୁ ଘରୁ ବାହାରକୁ ବାହାର କରିଦିଅନ୍ତି ରାସ୍ତାରେ ପଡ଼ି ମରିବା ପାଇଁ ଏବଂ ନିଜେ ଶାନ୍ତିରେ ରହିଥା'ନ୍ତି ଘର ଭିତରେ। କିଛିଦିନ ତଳେ ଜଣେ ଏମିତି ଲୋକଙ୍କୁ ତାଙ୍କ ପୁଅ ଘରଠାରୁ ବହୁଦୂରକୁ ନେଇଯାଇ କୌଣସି ବସ୍‌ଷ୍ଟାଣ୍ଡରେ ଛାଡ଼ି ଚାଲିଆସିବାର ଖବର ପ୍ରସାରିତ ହୋଇଥିଲା। ସତରେ କ'ଣ ଏମାନଙ୍କର କୌଣସି ଯତ୍ନର ଆବଶ୍ୟକ ହୁଏନା? ପରିବାର ଲୋକେ ସ୍ୱାର୍ଥପରତା ହେତୁ ଅଥବା ଅନ୍ୟ କୌଣସି କାରଣରୁ ସେକଥା ବୁଝିଲେନି। ତେବେ ଯେଉଁ ସମାଜରେ ସେହି ଲୋକ ହୁଏତ ପାଞ୍ଚଜଣରେ ଜଣେ ହୋଇ ଏତିକି ଦିନ ବଞ୍ଚିଥିଲା, କିଛି ସାମାଜିକ କର୍ତ୍ତବ୍ୟ ସମ୍ପାଦନ କରିଥିଲା, ହୁଏତ ସରକାରୀ ଅବା ବେସରକାରୀ ଚାକିରି କରିଥିଲା, ବ୍ୟବସାୟ କରିଥିଲା, ସରକାରଙ୍କୁ କେତେବାଟରେ କେତେ ନା କେତେ କର ଦେଇଥିଲା, କେତେ ଲୋକଙ୍କର କେତେ ଉପକାର କରିଥିଲା। ସେଇ ଲୋକଟା ଆଜି ମାନସିକସ୍ତରରେ କିଛିଟା ଅସୁସ୍ଥ ବୋଲି ତା'ର ଯତ୍ନ ନ ନେଇ ଏମିତି ଛାଡ଼ିଦେବା କ'ଣ ଉଚିତ୍ ଅଖିଆ ଅପିଆ କଷ୍ଟ ଭୋଗକରି ରାସ୍ତାରେ ପଡ଼ି ମରିଯିବା ପାଇଁ?

ଏଥିପାଇଁ କୌଣସି ସ୍ୱେଚ୍ଛାସେବୀ ସଂସ୍ଥା ଅଥବା ସରକାରଙ୍କର କୌଣସି ବିଭାଗ ସେମାନଙ୍କର ଚିକିତ୍ସା ଦିଗରେ ଯତ୍ନ କରିବା ଉଚିତ ନୁହେଁ? କୌଣସି ସ୍ୱେଚ୍ଛାସେବୀ ସଂସ୍ଥାକୁ ସରକାରଙ୍କ ତରଫରୁ ଏଥିନିମନ୍ତେ ପ୍ରୋତ୍ସାହିତ କରାଯାଇ ପାରନ୍ତାନାହିଁ? ପ୍ରତି ଗ୍ରାମ ପଞ୍ଚାୟତ, ବ୍ଲକସ୍ତରରେ ଏମିତି ଏଣେତେଣେ ବୁଲୁଥିବା ମାନସିକସ୍ତରରେ ଅସୁସ୍ଥ ଲୋକମାନଙ୍କୁ ସେମାନଙ୍କର ଆବଶ୍ୟକ ଚିକିତ୍ସା ନିମନ୍ତେ ମାନସିକ ଅସୁସ୍ଥତା ସମ୍ବନ୍ଧିତ ଚିକିତ୍ସା କେନ୍ଦ୍ରରେ ରଖାଇ ଚିକିତ୍ସା କରିବା ଆବଶ୍ୟକ ମନେ ହୁଏନାହିଁ ?

ଆମ ପରିବାରର କେହି ମାନସିକସ୍ତରରେ ଏପରି ବିକୃତ ହେବା ଜଣାଗଲେ ଆମେ ତାଙ୍କୁ ଡାକ୍ତରଙ୍କ ପାଖକୁ ନେଇ, ତାଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ଚେଷ୍ଟାକରୁ। ଏସବୁ ସତ୍ତ୍ୱେ ବି କିଛି ଅସଫଳତାର ପ୍ରଶ୍ନ ରହିଛି। ସେପରି କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶକ୍ରମେ ଆମେ ତାଙ୍କୁ ମାନସିକ ବିକୃତମାନଙ୍କ ପାଇଁ ଉଦ୍ଦିଷ୍ଟ ଡାକ୍ତରଖାନାରେ ଭର୍ତ୍ତି କରାଇ ଦୀର୍ଘଦିନ ଚିକିତ୍ସା କରିବାର ସବୁ ବନ୍ଦୋବସ୍ତ କରିଦେଉ ଏବଂ ଶୀଘ୍ର ସୁସ୍ଥହୋଇ ଘରକୁ ଫେରିଆସିବା ବାଟକୁ ଚାତକପରି ଅନାଇବସୁ। ଆଖିରୁ ଲୁହ ଗଡ଼ାଇ ଠାକୁରଙ୍କ ପାଖରେ ଗୁହାରି କରୁ। ସୁସ୍ଥ ହେବାର ଖବର ମିଳିଲେ ଆମେ ଯାଇ ଆଦର ଯତ୍ନର ସହିତ ତାଙ୍କୁ ପୁଣି ଘରକୁ ଫେରାଇଆଣୁ। ଏଇଠି ଥାଏ ହୃଦୟବତ୍ତା, ପ୍ରେମ ଆଉ ମଣିଷ ମଣିଷ ଭିତରେ ଥିବା ସମ୍ପର୍କ। ଆମ ଘର ପୁଣି ପୂର୍ବପରି ହସିଉଠେ ସମସ୍ତଙ୍କୁ ସାଥିରେ ନେଇ।



ବେଳେବେଳେ ମନେହୁଏ କେବଳ ରାସ୍ତାରେ ଏମିତି ଅବସ୍ଥାରେ ବୁଲୁଥିବା ଲୋକ ନୁହନ୍ତି, ଆମ ସମାଜରେ ମାନସିକସ୍ତରରେ ବିକୃତମାନଙ୍କ ସଂଖ୍ୟା କାହିଁ କେତେ, ଯାହାର ହିସାବ ହୁଏତ କାହାପାଖରେ ନାହିଁ। ସୁସ୍ଥ ଭଳି ଦେଖାଯାଉଥିବା, ନିଜକୁ ସୁସ୍ଥ ବୋଲି ଦାବି କରୁଥିବା ଅନେକ ଲୋକଙ୍କ ଭିତରେ କେତେପ୍ରକାରର ମାନସିକ ଅସୁସ୍ଥତା ରହିଛି। ମଣିଷ ମଣିଷ ଭିତରେ ସମ୍ପର୍କକୁ ନଷ୍ଟକରି, ମାନବୀୟ ଧର୍ମ, ଦୟା, କ୍ଷମା, ପରୋପକାର, ସହିଷ୍ଣୁତା ଏସବୁକୁ ଭୁଲି ଯେଉଁମାନେ ନିଜ ପରିବାର ଲୋକଙ୍କର ଯତ୍ନ ନ ନେଇ ଘରୁ ବାହାର କରିଦିଅନ୍ତି, ସେମାନେ ନିଜେ ମାନସିକସ୍ତରରେ ଅସୁସ୍ଥ ନୁହନ୍ତି? ଯେଉଁମାନେ ଧନ ମୋହରେ ପଡ଼ି ଅନ୍ୟାୟରେ ଅନ୍ୟର ଧନକୁ ଆତ୍ମସାତ୍ କରନ୍ତି, ସ୍ୱାର୍ଥରେ ଅନ୍ଧହୋଇ ଅନ୍ୟର ଧନ ଜୀବନକୁ ନେଇ ଖେଳ ଖେଳନ୍ତି, ମଣିଷକୁ ନେଇ, ମଣିଷର ଅଙ୍ଗକୁ ନେଇ ବ୍ୟବସାୟ କରନ୍ତି, ସେମାନେ ମାନସିକସ୍ତରରେ ବିକୃତ ନୁହନ୍ତି? ମିଥ୍ୟା ପ୍ରବଞ୍ଚନା ଦ୍ୱାରା ଅନ୍ୟକୁ ହଇରାଣ କରି, କଷ୍ଟ ଦେଇ ନିଜେ ଖୁସି ହେବା ମାନସିକ ବିକୃତି ନୁହେଁ। ତୀବ୍ର ରାଜନୀତିକ, ଗୋଷ୍ଠୀଗତ ମନୋଭାବକୁ ମନରେ ରଖି ସମାଜରେ ଅସ୍ଥିରତା ସୃଷ୍ଟି କରୁଥିବା, ଶିଶୁକନ୍ୟାମାନଙ୍କୁ ଯୌନନିର୍ଯାତନା ଦେଉଥିବା ବ୍ୟକ୍ତିମାନେ ମାନସିକସ୍ତରରେ ବିକୃତ ନୁହନ୍ତି? ସମାଜର ଏପରି ଲୋକମାନଙ୍କୁ ଚିହ୍ନଟ କରି ସେମାନଙ୍କ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ନିତାନ୍ତ ଆବଶ୍ୟକ ମନେହୁଏ।

ବେଳେବେଳେ ବିଭିନ୍ନ କାରଣରୁ ଆମେ ମାନସିକସ୍ତରରେ ଅସୁସ୍ଥ ଅଥବା କ୍ଲାନ୍ତ ହୋଇପଡୁ। ଅବଶ୍ୟ ତାହା ସାମୟିକ। ଚେତନାରେ ଥାଇ ମଧ୍ୟ ଆମ ଚାରିପଟେ କ'ଣ ଘଟୁଛି ତାହା ଜାଣିପାରୁନା। ମା' ଆସି ତିନିଥର ଖାଇବା ପାଇଁ ଡାକିଲେ ମଧ୍ୟ ପଠନରେ ଅଭିନିବିଷ୍ଟ ସନ୍ତାନମାନେ ଜାଣିପାରନ୍ତିନାହିଁ। ଆମେ କିଛି ଲେଖିସାରିବା ପରେ କଲମର କ୍ୟାପ୍‌କୁ ଖୋଜୁ ଘରର ଚାରିଆଡ଼େ। କ୍ୟାପ୍‌ଟି କିନ୍ତୁ ଆମ ବାଁ ହାତର ମୁଠାଭିତରେ ହିଁ ଥାଏ। ଖବରକାଗଜ ପଢ଼ିବା ପାଇଁ ଜେଜେବାପା ଚଷମାଟାକୁ ଖୋଜି ପାଉନାହାନ୍ତି ବୋଲି ସକାଳୁ ସମସ୍ତଙ୍କ ଉପରେ ଖପା ହେଲେଣି ମନେମନେ। ଜେଜେମା' ଆଉ ନାତିନାତୁଣୀଙ୍କୁ ଡାକିଲେଣି କେତେଥର ଚଷମା ଖୋଜିଦେବା ପାଇଁ। ଶେଷକୁ ଜେଜେମା' ଆସି ଦେଖନ୍ତି ତ ଚଷମା ଜେଜେବାପାଙ୍କ ନାକ ଉପରେ ଚଢ଼ି ବସିଛି।

ଯେଉଁମାନେ ବାସ୍ତବରେ ମାନସିକସ୍ତରରେ ଅସୁସ୍ଥ, ସେମାନଙ୍କ ଚିକିତ୍ସା ପାଇଁ ଆମ ଦେଶରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ନିହାତି ଆବଶ୍ୟକ ମନେହୁଏ। ସେମାନଙ୍କୁ ଚିହ୍ନଟକରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଡାକ୍ତରଖାନାରେ ଭର୍ତ୍ତି ଠକରାଇବା ଏବଂ ସେମାନଙ୍କର ଉପଯୁକ୍ତ ଚିକିତ୍ସା ଲାଗି ସରକାରୀସ୍ତରରେ କିଛି ଆର୍ଥିକ ସାହାଯ୍ୟ ସହିତ ଯୁବଶ୍ରେଣୀକୁ ଏ ଦିଗରେ ପ୍ରୋତ୍ସାହିତ କରାଯାଇପାରିଲେଅନେକମାନସିକଅସୁସ୍ଥବ୍ୟକ୍ତିସୁସ୍ଥ ହୋଇ ସମାଜର ମୁଖ୍ୟଧାରାକୁ ଫେରିଆସିପାରନ୍ତେ।

**ଦଶରଥପୁର, ଯାଜପୁର**
**ମୋ-୯୪୩୮୩୨୮୭୫୫**

## ଏଇ ଭାରତରେ

ଏମିତି କୃଷକ ହୁଏତ ଭାରତରେ କାହିଁକି ସାରା ବିଶ୍ୱରେ ବି କମ୍ ଥିବେ, ଯିଏ ନିଜେ ଚାଷ କରି ବିଭିନ୍ନ କିସମର ଦେଶୀ ବିହନ ସଂଗ୍ରହ କରିବା ସହ ଅନ୍ୟ ଚାଷୀମାନଙ୍କୁ ମାଗଣାରେ ତାହାକୁ ବାଣ୍ଟୁଛନ୍ତି। ମଧ୍ୟପ୍ରଦେଶର ନର୍ମଦାପୁରମ୍ ଗଲେ ଦେଖିବେ ସେହି କୃଷକ ମାନସିଂ ଗୁର୍ଜରଙ୍କୁ। ମାନସିଂ ୬୦୦ରୁ ଊର୍ଦ୍ଧ୍ୱ ଦେଶୀ ବିହନ ସଂଗ୍ରହ କରି ରଖିଛନ୍ତି। ଏହାର ଚାଷ କରି ପ୍ରତିବର୍ଷ ଅନେକ ହଜାର ଚାଷୀଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ବିହନ ମାଗଣାରେ ଦେଉଛନ୍ତି। ବଡ଼ କଥା ହେଉଛି, ମାନସିଂ ଜୈବିକ ପଦ୍ଧତିରେ ୧୨ ବର୍ଷ ବୟସରୁ ଚାଷ କରୁଛନ୍ତି। ତାଙ୍କ ଚାଷ ପଦ୍ଧତି ସମ୍ପର୍କରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ବି ଦେଉଛନ୍ତି। ସେ ନିଜ କ୍ଷେତରେ ୭ ଫୁଟର ଲାଉ ଓ ୩୦ କେଜି ଓଜନର ତରଭୁଜ ଫଳାଇବାରେ ସକ୍ଷମ ହୋଇଛନ୍ତି। ଦେଶୀ ବିହନ ସଂରକ୍ଷଣ କାର୍ଯ୍ୟ କରିବା ପାଇଁ ତାଙ୍କ ପରିବାରର ପୂର୍ବଜମାନଙ୍କଠାରୁ ସେ ପ୍ରେରଣା ପାଇଥିଲେ। ଏବେ ତାଙ୍କ ପାଖରେ ୨୩୦ ପ୍ରଜାତିର ଧାନ, ୧୦୦ ପ୍ରକାର ଗହମ, ୧୫୦ରୁ ଅଧିକ କିସମର ପରିବା ମଞ୍ଜି ଅଛି। ଲାଉର ୧୬ କିସମ ଓ ଲଙ୍କାର ୨୭ ପ୍ରକାର ମଞ୍ଜି ମଧ୍ୟ ତାଙ୍କ ନିକଟରେ ଉପଲବ୍ଧ ହେଉଛି। ଏହା ବ୍ୟତୀତ ୩୦ ପ୍ରଜାତିର ଡାଲି ବି ତାଙ୍କ ସଂଗ୍ରହାଳୟରେ ଅଛି। ମାନସିଂ ଏତେ କିସମର ବିହନ ବଞ୍ଚାଇ ରଖିବା ଲାଗି ୧୭ ଏକର ଜମିରେ ଚାଷ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଏପ୍ରିଲ ୧୯୯୮**

- ଦକ୍ଷିଣ ଆଫ୍ରିକାର କ୍ୱାଜୁଲୁ-କେଟାଲ ପ୍ରଦେଶର ନ୍ୟୁକ୍ୟାସଲ ସହର ନିକଟରେ ସଡ଼କ ଦୁର୍ଘଟଣା ଘଟି ୧୭ ସ୍କୁଲ ଛାତ୍ରଙ୍କ ସମେତ ୨୨ ଜଣଙ୍କ ମୃତ୍ୟୁ।
- ମୁମ୍ବାଇ ଦଙ୍ଗା ଘଟଣାରେ ଟାଡା କୋର୍ଟ ଦ୍ୱାରା ଆଜୀବନ କାରାଦଣ୍ଡରେ ଦଣ୍ଡିତ ୧୧ ଆସାମୀ ସୁପ୍ରିମ୍‌କୋର୍ଟ ଦ୍ୱାରା ଖଲାସ।

## ଚିରନ୍ତନୀ

ଶ୍ରେଷ୍ଠ ମାନବ ଅନ୍ତର କେତେ ଏଥି ଆସିଅଛି ଧାଇଁ,
ଭକତି ପ୍ରେମର କେତେ ରସ-ଉସ ଦେଇଛି ବୁହାଇ,
ତରଳାଇ ନିର୍ଜୀବ ଏ ପାଷାଣର ଅଙ୍ଗ
ଜୀବନ-ରସର କେତେ ଉଠିଛି ତରଙ୍ଗ,
କେତେ ଶତ ଜୀବନ୍ତ ଦେବତା
ବିଶ୍ୱ ପାଇଁ ପ୍ରକାଶିଛି ବ୍ୟଥା
ଏ ଶିଳା ବିଚିତ୍ର
ହୋଇଛି ପବିତ୍ର
ଲାଗି ଯେଣୁ
ପଦ-ରେଣୁ। -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାଇଖାନା ଟାଙ୍କି ଟଙ୍କା ଶୀଘ୍ର ମିଳୁ

ମହାଶୟ,

ରାଜ୍ୟ ସରକାର ପାଇଖାନା ପାଇଥିବା ଯୋଗ୍ୟ ହିତାଧିକାରୀଙ୍କ ଦ୍ୱିତୀୟ ଟାଙ୍କି ପାଇଁ ଅର୍ଥ ରାଶି ଦେବା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଗ୍ରାମପଞ୍ଚାୟତ ପକ୍ଷରୁ କୌଣସି ସୂଚନା ମିଳିନାହିଁ। କେବଳ ଗଣମାଧ୍ୟମରେ ପ୍ରଚାରିତ ହେଉଛି। ଏଥିପ୍ରତି ପଞ୍ଚାୟତ ସମିତି ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱ ଦିଅନ୍ତୁ। ବାସ୍ତବ କଥା ହେଉଛି, ଅଧିକ ସୂଚନା ଗ୍ରାମପଞ୍ଚାୟତରେ ରହିବା ଉଚିତ। ହେଲେ ଗ୍ରାମପଞ୍ଚାୟତରେ କୌଣସି ତଥ୍ୟ ଦିଆଯାଇନାହିଁ। ଯୋଗ୍ୟ ବ୍ୟକ୍ତିଙ୍କୁ ଅର୍ଥ ସୁଚାରୁରୂପେ ବଣ୍ଟନ କରାଗଲେ ସମସ୍ୟା ସୁଧୁରିପାରିବ। ସବୁ ହିତାଧିକାରୀଙ୍କୁ ଅବିଳମ୍ବେ ସେମାନଙ୍କ ପ୍ରାପ୍ୟ ଦିଆଯାଉ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨ ଫେରାର ଅଭିଯୁକ୍ତ ଗିରଫ

ଗୋପବନ୍ଧୁ ନଗର,(ଡି.ଏନ.ଏ.)- ଖୁଣ୍ଟା ଥାନା ତଥା ଡୁକୁରା ଫାଣ୍ଡି ଅଞ୍ଚଳର ୨ ଫେରାର ଅଭିଯୁକ୍ତଙ୍କୁ ରବିବାର ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କମଳି ଗ୍ରାମର ସନ୍ତୋଷ କୁମାର ବଗାଲ (୪୦) ଓ ବାଉଁଶ କଣ୍ଠିଆ ଗ୍ରାମର ବାପ୍ପା ମାଝୀ (୪୫)। ଉଭୟଙ୍କ ନାଁରେ ଉଦଳା କୋର୍ଟ ପକ୍ଷରୁ ୱାରଣ୍ଟ ଜାରି ହୋଇଥିଲା। ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହି ଗିରଫ ଭୟରେ ସେମାନେ ଗାଁ ଛାଡ଼ି ଫେରାର ହୋଇ ଯାଇଥିଲେ। ନିକଟରେ ଗାଁକୁ ଫେରିଥିବା ଖବରପାଇ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମହାକୁଡ଼ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ମୋରଡ଼ା,୧୬।୪(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ମୋରଡ଼ା ଗ୍ରାମର ରଞ୍ଜିତ ରାଉତ ତାଙ୍କ ସ୍ତ୍ରୀ ବାସନ୍ତୀ ମୁଖୀଙ୍କୁ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା(ନଂ.୧୨୭/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ୨୦୧୦ ଜୁନ ୨୬ରେ ବାସନ୍ତୀଙ୍କୁ ରଞ୍ଜିତ ପ୍ରେମ ବିବାହ କରିଥିଲେ। ତାଙ୍କର ଦୁଇ ଝିଅ ମଧ ଅଛନ୍ତି। ତେବେ ବାସନ୍ତୀ ଅନୁସୂଚିତ ଜାତି ବର୍ଗର ହୋଇଥିବାରୁ ରଞ୍ଜିତ ତାଙ୍କୁ ନିର୍ଯାତନା ଦେବା ସହ ଘରୁ ବାହାରିଯିବାକୁ ଧମକ ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି।

### ଓଲଟିଲା ଚୂନ ବୋଝେଇ ଟ୍ରକ୍

ବାସୁଦେବପୁର, ୧୬।୪(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ମନ୍ଦାରୀ ପୋଲ ନିକଟରେ ରବିବାର ପୂର୍ବାହ୍ନରେ ଏକ ଚୂନ ବୋଝେଇ ଟ୍ରକ୍ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଟ୍ରକ୍‌ଟି ଧାମରା ଆଡ଼କୁ ଯାଉଥିଲା। ଉକ୍ତ ସ୍ଥାନରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ପ୍ରାୟ ୨୦ ଫୁଟ୍ ତଳକୁ ଓଲଟି ପଡ଼ିଥିଲା। ଡ୍ରାଇଭର ଦୀର୍ଘ ସମୟ ଧରି ଟ୍ରକ୍ ମଧରେ ଫସି ରହିଥିଲେ। ଅଗ୍ନିଶମ କର୍ମଚାରୀ, ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

### ପାରିବାରିକ କଳହରୁ ଜଣେ ଗୁରୁତର

ପାଟଣା,୧୬।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମିରିଖୋଜି ପଞ୍ଚାୟତ ଭାଲିଆଡ଼ାଳ ଗ୍ରାମରେ ଗତ ବୁଧବାର ପାରିବାରିକ କଳହରୁ ଜଣେ ଗୁରୁତର ହୋଇଛନ୍ତି। ବଡ଼ଭାଇଙ୍କ ପରିବାର ସଦସ୍ୟଙ୍କ ସଂଘବଦ୍ଧ ଆକ୍ରମଣରେ ସାନଭାଇଙ୍କ ମୁଣ୍ଡରେ ଆଘାତ ଲାଗି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ସାନ ଭାଇ ହେଉଛନ୍ତି ରଇବୁ ମୁଣ୍ଡା(୪୦)। ଗ୍ରାମର ହରି ମୁଣ୍ଡା ତାଙ୍କ ସ୍ତ୍ରୀ ଓ ଝିଅ ରାଇମଣୀ ମୁଣ୍ଡା ମିଶି ରଇବୁଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ରଇବୁଙ୍କ ମୁଣ୍ଡ ଫାଟିବା ସହ ହାତଭାଙ୍ଗି ଯାଇଥିଲା। ଏନେଇ ରଇବୁଙ୍କ ପୁଅ କୁନାଙ୍କ ଅଭିଯୋଗକ୍ରମେ ରବିବାର ପାଟଣା ଥାନାରେ ମାମଲା (ନଂ.୬୫/୨୩) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

### ମା’ ଖରାଶୁଣିଙ୍କ ଉଡ଼ାଯାତ୍ରା

ବାହାନଗା, ୧୬।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ଗ୍ରାମର ଅଷ୍ଟପଦା ନିକଟରେ ମା’ ଖରାଶୁଣିଙ୍କ ଉଡାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପର୍ବ ଶହ ଶହ ବର୍ଷ ଧରି ଗ୍ରାମରେ ହୋଇଆସୁଛି। ଦୁଇବର୍ଷ ଧରି କରୋନା ଯୋଗୁ ଉଡାପର୍ବ ନିରାଡମ୍ବରରେ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାମଚନ୍ଦ୍ର ଯେନା ଓ ଶ୍ରୀପତି ଯେନା, ପର୍ଶୁରାମ ଯେନା ଓ କୈଳାସ ଯେନା ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ଖରାସାହାପୁର ପଞ୍ଚାୟତର ଯେନାସାହିସ୍ଥିତ ଅଷ୍ଟପଦାଠାରେ ଥିବା ମା’ ଖରାଶୁଣିଙ୍କ ପୀଠରେ ମା’ଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମା’ଙ୍କ ନିକଟରେ ବୈଶାଖ ମାସରେ ଉଡାଯାତ୍ରା ଚଳିତବର୍ଷ ଅନୁଷ୍ଠିତ ହୋଇଥିଲା। ଏଥିରେ ୪ ଜଣ ଭକ୍ତ ନିଆଁରେ ଚାଲିବା ସହିତ ବିରାଟ ବଡଖମ୍ବ ଉପରେ ରଶି ଲଗାଇ ଉଡିଥାନ୍ତି। ଅନ୍ୟ ୩ରୁ ୪ଜଣ ବକ୍ତାଙ୍କ ଉପରେ ଗ୍ରାମର ଠାକୁରାଣୀ ସବାର ହୋଇଥାନ୍ତି। ଏଭଳି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ଲୋକେ ସେହି ସ୍ଥାନକୁ ଆସିଥାନ୍ତି। ସୁଧାକର ନାୟକ, ଭାଗିରଥି ପଲେଇ, ଗ୍ରାମ ସଭାପତି ଆକାଶ ରାୟ, ରବୀନ୍ଦ୍ର ଯେନା, ବଂଶୀଧର ବାରିକ ପ୍ରମୁଖ ପରିଚାଳନା କରିଥିଲେ।

### ୧୩୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଇବଣିଆ, ୧୬।୪-ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସର୍ଦ୍ଧାରବନ୍ଧ ପଞ୍ଚାୟତ ଅଫିସ୍‌ରେ ସାମାଜିକ ନ୍ୟାୟ ସପ୍ତାହ ଅବସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏଥିରେ ୭ଟି ବିଭାଗର ଦନ୍ତବିଭାଗ, ପ୍ରସୂତି ବିଭାଗ, ଚର୍ମ, ମେଡିସିନ ବିଭାଗ, ଶଲ୍ୟ ବିଭାଗ, ହୋମିଓପାଥି, ଆୟୁର୍ବେଦିକ ଏବଂ ଔଷଧ ମଧ ବିତରଣ କରାଯାଇଛି। ଏଠାରେ ୧୩୦ରୁ ଉର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିଲେ। ଶିବିରରେ ଏମ୍‌ପିଙ୍କ ଜଳେଶ୍ୱର ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଜଳେଶ୍ୱର ନଗର ଏମ୍‌ପି ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ଜଳେଶ୍ୱର ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ୭ ନଂ. ଜୋନ୍ ରାଇବଣିଆ ମଣ୍ଡଳ ଭାଜପା ସଭାପତି ତରୁଣ ପଟ୍ଟନାୟକ, ରାଜ୍ୟ କୃଷକ ନେତା ସମୀର ପାତ୍ର, ସର୍ଦ୍ଧାରବନ୍ଧର ସଦସ୍ୟ ଗଣେଶ ସୋରେନ, ସର୍ଦ୍ଧାରବନ୍ଧର ନାଏବ ସରପଞ୍ଚ ସୁକୁମାର ହାଁସଦା, ଭାଜପା ପଞ୍ଚାୟତ ସଭାପତି ରବୀନ୍ଦ୍ର ହେମ୍ବ୍ରମ, ଦକ୍ଷିଣ ପ୍ରହରାଜପୁରର ସଦସ୍ୟ ମୁକୁନ୍ଦ ଜେନା ଓ ସାମାଜିକ କର୍ମୀ ବିପ୍ଳବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆନନ୍ଦପୁରକୁ ଜିଲା ଘୋଷଣା ପର୍ଯ୍ୟନ୍ତ ଧାରଣା

ଆନନ୍ଦପୁର, ୧୬।୪(ସନ୍ତୋଷ ରାଉତ)

ଆନନ୍ଦପୁର ଏକ ସଂସ୍କୃତିସମ୍ପନ୍ନ ସର୍ବପୁରାତନ ଉପଖଣ୍ଡ। ଏହାର ଆୟତନ ସୁଦୂରବିସ୍ତାରି ଥିବାବେଳେ ଏହା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲାର ସୀମାକୁ ଲାଗିଛି। ଜନସଂଖ୍ୟା, ଧାର୍ମିକ ପରମ୍ପରା, ଭୌଗୋଳିକ ପରିବେଶ, ଏ ସବୁଥିରେ ଆନନ୍ଦପୁରର ସ୍ଥାନ ସ୍ୱତନ୍ତ୍ର। ସ୍ୱାଧୀନତା ପୂର୍ବରୁ ଏହା ଉପଖଣ୍ଡର ମାନ୍ୟତା ପାଇଥିବା ବେଳେ ଅଦ୍ୟାବଧି ଏହାର ଆଶାନୁରୂପ ବିକାଶ ହୋଇପାରିନି। ମୁଖ୍ୟ ପ୍ରଶାସନିକ କେନ୍ଦ୍ରର ଦୂରତା, ପ୍ରଶାସନିକ କର୍ମଚାରୀ ଓ ଆନ୍ତରିକତାର ଅଭାବ ଲୋକମାନେ ଅନୁଭବ କଲେଣି। ବିଭିନ୍ନ କ୍ଷେତ୍ରରେ ମଧ ଉପଖଣ୍ଡକୁ ଅବହେଳା କରାଯାଉଛି। ଯାହାର ପରିଣାମ ସ୍ୱରୂପ ଜିଲା ଦାବି ପ୍ରସଙ୍ଗ ଏବେ ଆନନ୍ଦପୁରବାସୀଙ୍କର ମୁଖ୍ୟ ପ୍ରସଙ୍ଗ ପାଲଟିଛି। ସରକାରୀସ୍ତରରେ ହେବାକୁ ଥିବା ଜିଲା ବିଭକ୍ତୀକରଣରେ ଆନନ୍ଦପୁରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି କରି ୨୧ ଦିନ ଧରି ପ୍ରତୀକ ଧାରଣା ଲାଗିରହିଛି। ଆନନ୍ଦପୁରକୁ ଜିଲା ଘୋଷଣା ହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଆନନ୍ଦପୁର ବିକାଶ ପରିଷଦ ସଭାପତି ରମାକାନ୍ତ ନାୟକ କହିଛନ୍ତି।

## ସେମାନେ ଯାହା କୁହନ୍ତି ....



“ଜିଲା ଘୋଷଣା କରିବା ସରକାରଙ୍କ କାର୍ଯ୍ୟ। ସରକାରୀସ୍ତରରେ ତର୍ଜମା କରାଯାଇ ଜିଲା ଘୋଷଣା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ପ୍ରାଥମିକତାଭିତ୍ତିରେ ଆନନ୍ଦପୁର ଉପଖଣ୍ଡର ପରିସୀମା, ଲୋକସଂଖ୍ୟାକୁ ଗୁରୁତ୍ୱ ଦିଆଯିବା ସହିତ ଅଞ୍ଚଳର ବିକାଶ ପାଇଁ ଆର୍ଥିକ ଉତ୍ସ କ’ଣ ରହିଛି ତାହା ବି ମୁଖ୍ୟ ପ୍ରସଙ୍ଗ ରହିବ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୯୩ରେ କେନ୍ଦୁଝର ଓ ମୟୂରଭଞ୍ଜକୁ ବିଭକ୍ତ କରି ନୂତନ ଜିଲା ଘୋଷଣା କରିବା ଲକ୍ଷ୍ୟରେ ଥିଲେ। ଝାଡ଼ଖଣ୍ଡ ଓ ଓଡ଼ିଶା ବିବାଦକୁ ନେଇ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତିରୁ ବିରତ ହୋଇଥିଲେ।

–ବଦ୍ରି ନାରାୟଣ ପାତ୍ର(ବିଧାୟକ, ଘସିପୁରା)



“ଗଣମାଧ୍ୟମ ସବୁ ସମୟରେ ଲୋକଙ୍କ ପାଖରେ ରହିଛି ଓ ରହିବ ମଧ୍ୟ। କେନ୍ଦୁଝର ଜିଲାରେ ଡିଏମ୍ଏଫ୍ ଫଣ୍ଡ ରହି ସୁଦ୍ଧା ଉପଖଣ୍ଡର ବିକାଶ ନିମ୍ନଗାମୀ ହେଉଥିବାରୁ ସଧାରଣ ଲୋକ ବିରୋଧ କରିବା ସ୍ୱାଭାବିକ। ଖଣିଜ ସମ୍ପଦଭରା କେନ୍ଦୁଝର ଜିଲାର ଆୟଠାରୁ ପଡ଼ୋଶୀ ଜିଲା ଯେତେମାତ୍ରାରେ ଉପକୃତ ହେଉଛନ୍ତି, ଆନନ୍ଦପୁର ଉପଖଣ୍ଡର ବିକାଶ ସେତିକି ଅଗ୍ରଗତି ହୋଇପାରୁଛି କି?

–ନାରାୟଣ ସାହୁ(ସଭାପତି, ପ୍ରେସ୍ କ୍ଲବ୍ ଆନନ୍ଦପୁର)




“ସର୍ବପୁରାତନ ଉପଖଣ୍ଡରେ ବହୁ ପ୍ରତିଭାବାନ କ୍ରୀଡାବିତ୍ ରହିଥିଲେ ସୁଦ୍ଧା କ୍ରୀଡାର ବିକାଶରେ ଅଶାନୁରୂପ ଅଗ୍ରଗତି ହୋଇପାରୁନାହିଁ। ଗ୍ରାମାଞ୍ଚଳର ବହୁ ପ୍ରତିଭା ଦୃଷ୍ଟି ଆଢୁଆଳରେ ରହିଯାଉଛନ୍ତି। କେଉଁଠି ନା କେଉଁଠି କେନ୍ଦୁଝର ଜିଲା ପ୍ରଶାସନର ଅବହେଳା ନଜରକୁ ଆସୁଛି। ଏହି କ୍ରମରେ ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲା ଘୋଷଣା କରାଯାଇପାରିଲେ ସମସ୍ତ ପ୍ରକାର ବିକାଶମୂଳକ କାର୍ଯ୍ୟ ସହିତ କ୍ରୀଡ଼ାର ବି ଅପେକ୍ଷାକୃତ ବିକାଶ ହୋଇପାରିବ।

–ନବ ରଞ୍ଜନ ପଟ୍ଟନାୟକ(ସମ୍ପାଦକ, ଆନନ୍ଦପୁର କ୍ରୀଡ଼ା ସଂସଦ)



“ଆନନ୍ଦପୁର ଜିଲା ଦାବିର ଯଥାର୍ଥତା ରହିଛି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ସର୍ବଦା ଚିକିତ୍ସାରେ ଅବହେଳାକୁ ନେଇ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଉଛି। ପଡ଼ୋଶୀ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲାର ବହୁ ଅଞ୍ଚଳର ଜନସାଧାରଣ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରି ନିରାଶ ହେଉଛନ୍ତି। ଜିଲା ମାନ୍ୟତା ମିଳିଲେ ସ୍ୱତନ୍ତ୍ର ସୁବିଧା ମିଳିପାରିବ।

–ବୁଲୁ ପଟ୍ଟନାୟକ–(ସାମାଜିକକର୍ମୀ, ଘସିପୁରା)

# ଷ୍ଟଡିଟୁର କାର୍ଯ୍ୟକ୍ରମରେ ୫୦ ସରକାରୀ ଅଧିକାରୀ ସାମିଲ



ଷ୍ଟଡିଟୁର କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ପର୍ଶୁରାମ ଧଡ଼ା ଓ ଅନ୍ୟ ଅଧିକାରୀମାନେ।

ବାହାନଗା, ୧୬।୪(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନୂତନ ଭାବେ ନିଯୁକ୍ତି ପାଇଥିବା ୫୦ଜଣ ଓଏଫଏସ୍ ଅଧିକାରୀ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଷ୍ଟଡିଟୁର କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗଦେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ୨୦ ନଂ. ଜୋନର ଜିଲା ପରିଷଦ ସଭ୍ୟ ଶିଶିର ଅଗସ୍ତି, ଗୋପାଳପୁର ପଞ୍ଚାୟତ ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ସୁମନ୍ତ ନାୟକ, ଅନ୍ତର୍ଯ୍ୟାମୀ ପଣ୍ଡା ସମତେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ।

# ‘ପ୍ରଣୟର ପଞ୍ଚସ୍ୱର’ ଲୋକାର୍ପିତ



ପୁସ୍ତକ ଲୋକାର୍ପଣ କରାଯାଉଛି।

ବାରିକପୁର,୧୬।୪(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଡଗରପଡ଼ା ବିଦ୍ୟାଳୟ ସମୂହ ପରିସରରେ ବାରିକପୁର ଉତ୍କଳମଣି ସାହିତ୍ୟ ସଂସଦ ଆନୁକୂଲ୍ୟରେ ନାଟ୍ୟକାର ମନୋଜ କୁମାର ରାଉତରାୟଙ୍କ ଏକଙ୍କିକା ସଂଚାୟନ ପୁସ୍ତକ ‘ପ୍ରଣୟର ପଞ୍ଚସ୍ୱର’ ଲୋକାର୍ପଣ ହୋଇଛି। ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପୁରୁଷୋତ୍ତମ ଧଳଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ରୋଟାରିଆନ ଅଜିତ ଦାସ, ସ୍ୱତନ୍ତ୍ର ଅତିଥି ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ, ମୁଖ୍ୟବକ୍ତା ବିଜୟ ଦାସ, ଅନ୍ୟତମ ବକ୍ତା ଭାବେ ନାଟ୍ୟକାର ଅରୁଣ ବାରିକ, ଡ. ରମାକାନ୍ତ ନାୟକ, ରତିକାନ୍ତ ବେହେରା, ପ୍ରକାଶ ମହାପାତ୍ର, ହେମେନ୍ଦ୍ର ମହାନ୍ତି, ସନ୍ତୋଷ ସାହୁ, ପ୍ରୀତିପଦ୍ମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ନାଟକର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ମୂଲ୍ୟବୋଧଭିତ୍ତିକ ସଚେତନତାଧର୍ମୀ ନାଟକ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପୁସ୍ତକ ଲୋକାର୍ପଣ ହୋଇଥିଲା। ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ଅରୁଣ ବେହୁରିଆ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଭୂୟାଁ ସମାଜର ବାର୍ଷିକ ସମ୍ମିଳନୀ




ଭୂୟାଁ ସମାଜର ସଦସ୍ୟ ଓ ଅତିଥିମାନେ।

ଯୋଡ଼ା,୧୬।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଚାରି ଭାୟା ଭୂୟାଁ ସମାଜର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ରବିବାର ଦେଓଝର ପଞ୍ଚାୟତ ଅଧୀନ ମହାଦେବନସା ଫୁଟବଲ ଖେଳ ପଡ଼ିଆଠାରେ ଆୟୋଜିତ ଅଧିବେଶନରେ ଅତିଥିଭାବେ କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଲକ୍ଷ୍ମୀ ନାଏକ, ଯୋଡ଼ା ବ୍ଲକ୍ ଅଧକ୍ଷ ତଥା ଓଡ଼ିଶା ଭୂୟାଁ ମହାସମାଜ ସଭାପତି କବୀନ୍ଦ୍ର ନାଏକ, କୋଇଡ଼ା ବ୍ଲକ୍ ଅଧକ୍ଷ ସୁରେଶ ଚନ୍ଦ୍ର ନାଏକ, ବାଂଶପାଳ ବ୍ଲକ୍ ଅଧକ୍ଷ ମାନସ ଦେହୁରୀ, ପଦ୍ମଶ୍ରୀ ଦଇତାରୀ ନାଏକ, ଭୁବନେଶ୍ୱର ନାବାର୍ଡ ବ୍ୟାଙ୍କ ମ୍ୟାନେଜର ବିଭୀଷଣ ନାଏକ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ କୃଷ୍ଣ ମହାନାଏକ, ଭାବଗ୍ରାହୀ ନାଏକ, ବନମାଳୀ ମହାନାଏକ, ସୁଦର୍ଶନ ନାଏକ ପ୍ରମୁଖ ମଞ୍ଚାସିନ ଥିଲେ। ଚାରିଭାୟା ପୀଢ଼ ଭୂୟାଁ ସମାଜ ସଭାପତି ତ୍ରିବିକ୍ରମ ନାଏକ ଓ ସମ୍ପାଦକ ଲୋମ୍ବଧର ନାଏକଙ୍କ ତତ୍ତ୍ୱାବଧାନରେ ଯୋଡ଼ା, ଝୁମ୍ପୁରା ଓ ଚମ୍ପୁଆ ବ୍ଲକ୍‌ର ଭୂୟାଁ ସମାଜର ପାଞ୍ଚୋଟି ପୀଢ଼ ସମେତ କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ସୁନ୍ଦରଗଡ଼ ସହ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ଭୂୟାଁ ସମ୍ପ୍ରଦାୟର ସଦସ୍ୟମାନେ ଯୋଗଦାନ କରିଥିଲେ। ଚାରିଭାୟା ପିଢ଼ ଭୂୟାଁ ସମାଜ ଉପଦେଷ୍ଟା ଗିରିଧାରୀ ନାଏକଙ୍କ ସମେତ ବୀରବର ନାଏକ, ଜନାର୍ଦ୍ଦନ ନାଏକ, ବେଣୁଧର ନାଏକ, ଦୁଷ୍ମନ୍ତ ନାଏକ, ଦିବ୍ୟ ନାଏକ, ଖଗପତି ନାଏକ, ଦେଓଝର ସରପଞ୍ଚ ଧ୍ରୁବଚରଣ ନାଏକ, ନରୋତ୍ତମ ନାଏକ, ପ୍ରଫୁଲ୍ଲ ନାଏକ, ଘାସିନାଥ ନାଏକ ପ୍ରମୁଖ ପରିଚାଳନା କରିଥିଲେ। ଅଧିବେଶନରେ ୬ଜଣଙ୍କୁ ଶିକ୍ଷା, ଚାଷ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଟ୍ରେନ୍ ଲାଇନରୁ ଯୁବକଙ୍କ ମୃତଦେହ ଜବତ

କେନ୍ଦୁଝର,୧୬।୪(ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ସିଲିସୁଆଁ ଇଟାଭାଟି ନିକଟ ରେଳ ଲାଇନରୁ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ଜଣଙ୍କ ହେଲେ ବାଉରିପଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାକୁଡ଼ଙ୍କ ପୁଅ ନରହରି ମହାକୁଡ (୨୨) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ନରହରି ଶନିବାର ରାତିରେ ସିଲିସୁଆଁ ପାଲା ଦେଖିବାକୁ ଯାଇଥିଲେ। ରବିବାର ସକାଳୁ ତାଙ୍କର ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ରେଳଧାରଣାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ରେଳ ବିଭାଗ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ନରହରିଙ୍କ ଶବ ନିକଟରୁ ତାଙ୍କ ସ୍ମାର୍ଟଫୋନ ପୋଲିସ ଜବତ କରିଥିବା ବେଳେ ଅନ୍ୟ ଛୋଟ ଫୋନ୍‌ଟି ହଜି ଯାଇଥିବା ପରିବାର ପକ୍ଷରୁ ଜଣାପଡ଼ିଛି।

## ବୁଢ଼ୀଜାଗୁଲାଇ ପୀଠରେ ସାଂସ୍କୃତିକ ସମାରୋହ

ଭଣ୍ଡାରିପୋଖରୀ, ୧୬।୪(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବିଷ୍ଣୁପୁର ଗ୍ରାମଦେବତୀ ମା’ ବୁଢ଼ୀଜାଗୁଲାଇ ପୀଠରେ ରବିବାର ସନ୍ଧ୍ୟାରେ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅମୂଲ୍ୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଭଦ୍ରକ କଳା, ସାହିତ୍ୟ ଓ ସଂସ୍କୃତିର ଜିଲା ବୋଲି କହିଥିଲେ। ବିଷୁବ ସଂକ୍ରାନ୍ତିରେ ଏହି ପୀଠରେ ପୂଜାର୍ଚ୍ଚନା ସହ ପୂର୍ଣ୍ଣାହୁତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷାବିତ୍ ସୁଧାକର ମହାପାତ୍ର, ପଞ୍ଚାୟତ ବିଜେଡି ସଭାପତି ବିଜୟ ଖିଲାର, ଆୟୋଜକ ରାକେଶ ସାହୁ, ଜଗନ୍ନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ଖଡ଼ିପଦାରେ ଖୋଲିଲା ଜଳଛତ୍ର



ଜଳଛତ୍ର ଉଦ୍‌ଘାଟନ କରାଯାଉଛି।

ଧାମନଗର,୧୬।୪ (ଡି.ଏନ.ଏ.)

ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ପ୍ରତି ପଞ୍ଚାୟତରେ ଜଳଛତ୍ର ଖୋଲିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବହୁ ପଞ୍ଚାୟତରେ ଏଯାଏ ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲାଯାଇ ନାହିଁ। ଭଦ୍ରକ ଜିଲା ଧାମନଗର ବ୍ଲକ ଖଡ଼ିପଦା ପଞ୍ଚାୟତର ଖଡ଼ିପଦା ଛକଠାରେ ପ୍ରଗତି ଯୁବ ସଂସଦ ପକ୍ଷରୁ ରବିବାର ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଛି। ସାମାଜିକ କର୍ମୀ ତଥା ନାରୀନେତ୍ରୀ ସଂଯୁକ୍ତା ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ପ୍ରତାପ ସାମଲ, ଚୈତନ୍ୟ ଦାସ, ବାବୁଲି ଦାସ, ଅଶୋକ ଦାସ, ଭାଗବତ ମହାନ୍ତି, ଅରୂପ ନନ୍ଦ, ଦେବେନ୍ଦ୍ର ମହାନ୍ତି, ଶରତ ରାୟ, ପାକରା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ବିଶୁଦ୍ଧ ପାନୀୟ ଜଳ ସାଙ୍ଗକୁ ଦହି ସର୍ବତ ପ୍ରଦାନ କରାଯାଉଛି।

# ମହୁରୀ, ଜୟପୁରରେ ଉଡ଼ା ପର୍ବ

ବୈଶିଙ୍ଗା/ଗୋପବନ୍ଧୁ ନଗର,୧୬।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ମହୁରୀ ଓ ଗୋପବନ୍ଧୁ ନଗର ବ୍ଲକ ଅଧୀନ ଜୟପୁରଠାରେ ଉଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହୁରୀଠାରେ ଅନୁଷ୍ଠିତ ଉଡ଼ାଯାତ୍ରାରେ ୫୦ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ବୈଶିଙ୍ଗା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଟ୍ରାଫିକ୍ ସମସ୍ୟା ଦୃଷ୍ଟିରୁ ରୂପ୍‌ସା–ବୈଶିଙ୍ଗା ମୁଖ୍ୟ ରାସ୍ତାକୁ ପଣସିଆ ଓ ବୈଶିଙ୍ଗା ବଜାରଠାରେ ୪ଚକିଆ ଓ ୬ଚକିଆ ଯାନ ପ୍ରବେଶ ଉପରେ କଟକଣା ଲଗା ଯାଇଥିଲା। ଶାନ୍ତି ଶୃଙ୍ଖଳା ସହ ଉଡ଼ା ପର୍ବ ଶେଷ ହୋଇଥିବା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି। ସେହିପରି ଗୋପବନ୍ଧୁ ନଗର ବ୍ଲକ ଜୟପୁରଠାରେ ଅନୁଷ୍ଠିତ ୩ ଦିନିଆ ଉଡ଼ା ଯାତ୍ରାର ଉଦ୍‌ଯାପନୀ ଦିବସରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଚଳିତ ବର୍ଷ ମୋଟ ୨୩ ଜଣ ଭକ୍ତ ଉଡା ଖୁଣ୍ଟରେ ଉଡ଼ିଥିବା ବେଳେ ମାନସିକ ରଖିଥିବା ମୋଟ ୧୭ ଜଣ ଉପାସକ ପିଠିରେ କଣ୍ଟା ଫୋଡ଼ା କାର୍ଯ୍ୟ କରିଥିଲେ। କଣ୍ଟାପାଟ, ନିଆଁପାଟ ଓ ଝୁଲାପାଟ ଭଳି କାର୍ଯ୍ୟକ୍ରମ ଏଥି ପୂର୍ବରୁ ପ୍ରତି ସନ୍ଧ୍ୟାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଦାସୀ ଭାବେ ଜଟାଧାରୀ ମଳିକ, ହରିଶ ମାସନ୍ତ, ଅଜୁ ମଳିକ ପ୍ରଭୃତି କାର୍ଯ୍ୟ ତୁଲାଇ ଥିଲେ। ଉଡ଼ା କମିଟିର ସଭାପତି ଚିତ୍ତରଞ୍ଜନ ସେଠୀ, ସମ୍ପାଦକ ମକରା ମାସନ୍ତ, ତପୁ ରାଉତ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେହିପରି ଆରପଟା, ଖିରିପଦା, ଧଉଣ୍ଡିଆ, ବେଳାକୁଟରେ ମଧ ଉଡା ପର୍ବ ପାଳିତ ହୋଇଯାଇଛି।

# ଛଉନୃତ୍ୟ ଗୁରୁଙ୍କୁ ସମ୍ବର୍ଦ୍ଧନା

ବାରିପଦା ଅଫିସ,୧୬।୪

ମୟୂରଭଞ୍ଜର ବିଶିଷ୍ଟ ଛଉନୃତ୍ୟ ଗୁରୁ ଦିଲ୍ଲୀପ କୁମାର ମିଶ୍ରଙ୍କୁ ଚୈତ୍ର ପର୍ବ–୨୦୨୩ ପାଳନ ଅବସରରେ ବାରିପଦା ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଳା କ୍ଷେତ୍ରରେ ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ତାଙ୍କୁ ସମ୍ମାନିତ କରାଯାଇଛି। ସେ ୧୯୭୩ରୁ ଅଦ୍ୟାବଧି ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନରେ ଗୁରୁ ଭାବେ ଦକ୍ଷତା ପ୍ରତିପାଦନ କରିଆସିଛନ୍ତି। ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନର ସଭାପତି ଭାବେ ସେ କାର୍ଯ୍ୟ କରୁଛନ୍ତି। ତାଙ୍କ ପ୍ରେରଣାରେ କନ୍ୟା ସୁସ୍ମିତା ମିଶ୍ର ମଧ ଛଉନୃତ୍ୟ ପରିବେଷଣ କରି ରାଜ୍ୟ ତଥା ଜାତୀୟସ୍ତରରେ ଅନେକ ସୁନାମ ଅର୍ଜନ କରିଚାଲିଛନ୍ତି ।



ଛଉନୃତ୍ୟ ଗୁରୁ ଦିଲ୍ଲୀପ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଖବରଦାତା ଜନସାଧାରଣଙ୍କ ପାଇଁ କଲମ ଚାଳନା କରନ୍ତୁ

## ‘ସିମୁଳିଆ ପ୍ରେସ୍ କ୍ଲବ’ ଉଦ୍‌ଘାଟିତ

ସିମୁଳିଆ, ୧୬।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିମିତ୍ତ ସିମୁଳିଆ ବ୍ଲକ କାର୍ଯ୍ୟାଳୟ ନିକଟରେ ଏକ ସ୍ଥାୟୀ ଗୃହ ‘ସିମୁଳିଆ ପ୍ରେସ୍ କ୍ଲବ’ ରବିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇ ଏହି ଗୃହର ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ଖବରଦାତା ଭରତଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗଦାଧର ଯେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୁବଶକ୍ତିମାନେ ସମାଜ ବିକାଶରେ ସହାୟକ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ରୂପେ ବରିଷ୍ଠ ସହସମ୍ପାଦକ କୈଳାସ ଚନ୍ଦ୍ର ବେହେରା ସମାଜରେ ନିଷ୍ପେସିତ ସାଧାରଣ ଜନତାଙ୍କ ପାଇଁ କଲମ ଚାଳନା କରନ୍ତୁ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଉତ୍କଳ ସାମ୍ବାଦିକ ସଂଘର ସମ୍ପାଦକ ପ୍ରତାପ ଚନ୍ଦ୍ର ପାତ୍ର ଖବରଦାତାଙ୍କ ଏକତା ସମ୍ପର୍କରେ ସୂଚନା ଦେଇଥିଲେ।



ଅତିଥିମାନଙ୍କ ସହିତ ଖବରଦାତାମାନେ।

ଅନ୍ୟଅତିଥିମାନଙ୍କ ମଧ୍ୟରେ ସିମୁଳିଆ ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ, ବିଡିଓ ପୃଥିରାଜ ପରିଡ଼ା, ରାଜସ୍ୱ ନୀରିକ୍ଷକ ସାରସୀ ମହାନ୍ତି ପ୍ରମୁଖ ଯୋଗଦେଇ ସିମୁଳିଆ ପ୍ରେସ୍ କ୍ଲବର ଖବରଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଖବରଦାତା ସନ୍ତୋଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସିମୁଳିଆ ପ୍ରେସ୍ କ୍ଲବର ସମସ୍ତ ଖବରଦାତା ସହଯୋଗୀ ଥିଲେ।

ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିକ୍ଷକ ସଂଘ, ଅବସର ଶିକ୍ଷକ ସଂଘ, ବଜରଙ୍ଗ ସେନା, ଅବସର ସେନା ପ୍ରମୁଖ ସଙ୍ଗଠନର କର୍ମକର୍ତ୍ତାମାନଙ୍କ ସମେତ ବାଲେଶ୍ୱର, ସୋର, ଖଇରା, ଔପଦା ପ୍ରମୁଖ ଅଞ୍ଚଳର ଖବରଦାତାମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପ୍ରେସ୍ କ୍ଲବର ଲୋଗୋ ଉନ୍ମୋଚିତ ହୋଇଥିଲା। ଅନ୍ୟାନ୍ୟ ଅତିଥି ଓ ଖବରଦାତାମାନଙ୍କ ମଧ୍ୟରେ ଆଲୋକ କୁମାର ବାରିକ, ବ୍ରହ୍ମାନନ୍ଦ ସ୍ୱାଇଁ, ଜୀବନଜ୍ୟୋତି ବାରିକ, କୈଳାସଚନ୍ଦ୍ର ମହାପାତ୍ର, ରାଜାରାମ ଦାସ, ତପୋଧନ ବାରିକ ଓ କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଆଜି ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଉଦଳା,୧୬।୪(ଡି.ଏନ.ଏ.)- ଉଦଳାସ୍ଥିତ ହନୁମାନ ମନ୍ଦିରର ୨୩ ତମ ପ୍ରତିଷ୍ଠା ଦିବସ ନିମନ୍ତେ ପ୍ରସ୍ତୁତି ଶେଷ ହୋଇଛି। ସୋମବାର ଠାରୁ ବୁଧବାର ତ୍ରିଦିବସୀୟ ଏହି ପ୍ରତିଷ୍ଠା ଦିବସ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ସୋମବାର ସୋନ ନଦୀରୁ ଘଟୋତ୍ତଳନ ପୂର୍ବକ କଳସ ଶୋଭାଯାତ୍ରା ସହର ପରିକ୍ରମା ପରେ ହନୁମାନ ମନ୍ଦିର ଯଜ୍ଞ ମଣ୍ଡପରେ ଯଥାରିତୀ ଅନୁଯାୟୀ ପ୍ରତିଷ୍ଠା ଦିବସର କାର୍ଯ୍ୟକ୍ରମ ଆରମ୍ଭ ହେବ। ଦ୍ୱିତୀୟ ଦିବସରେ ସୂର୍ଯ୍ୟ ପୂଜା, ଗୁରୁ ପୂଜା ସହିତ କୁଣ୍ଡ ସଂସ୍କାର ଯଜ୍ଞ କର୍ମ ସମ୍ପନ୍ନ ହେବ। ବୁଧବାର ସକାଳେ ୧୦୮ ଘଟ ବିଶିଷ୍ଟ ହନୁମାନ ଜୀଉଙ୍କୁ ମହାସ୍ନାନ, ରୁଦ୍ରାଂଶ ବେଶ ଦର୍ଶନ ସହିତ ପୂର୍ଣ୍ଣାହୁତି ହେବ। ପ୍ରତ୍ୟେହ ସନ୍ଧ୍ୟା ଆଳତୀ ପରେ ମନ୍ଦିର ପରିସରରେ ପ୍ରବକ୍ତା ମନୋଜ ପ୍ରଧାନ ପ୍ରବଚନ ପ୍ରଦାନ କରିବେ। ସେହିପରି ହରି କଥା ସହିତ ନାମ ସଂକୀର୍ତ୍ତନ ଓ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା ଆୟୋଜନ କରାଯାଇଥିବା କମିଟିର ସଦସ୍ୟ ରାମଚନ୍ଦ୍ର ବେହେରା, ବିଜନ ନାୟକ, ମୁରଲୀ ଶିଅଳ, କାହ୍ନୁ ପରିଡ଼ା, ବୁବୁ ମହାନ୍ତି ପ୍ରମୁଖ ସୂଚନା ଦେଇଛନ୍ତି।

### ଦିଲୀପ ଜଳେଶ୍ୱର ବ୍ଲକ ବିଜେଡି ସଭାପତି

ଜଳେଶ୍ୱର, ୧୬।୪(ଡି.ଏନ୍.ଏ.)-ଜଳେଶ୍ୱର ବ୍ଲକ ବିଜେଡି ସଭାପତି ପଦ ଖାଲି ପଡିଥିବାରୁ ରବିବାର ବିଧିବଦ୍ଧ ଭାବେ ଦିଲୀପ କୁମାର ସାମଲଙ୍କ ନାମ ଘୋଷଣା କରାଯାଇଛି । ଗତ ୧୦।୪।୨୩ରେ ବାଲେଶ୍ୱର ଜିଲା ବିଜେଡି ସଭାପତି ରବୀନ୍ଦ୍ର କୁମାର ଜେନାଙ୍କ ଅନୁମୋଦନ କ୍ରମେ ତାଙ୍କୁ ନିଯୁକ୍ତି ମିଳିଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି । ବ୍ଲକ ଅଧକ୍ଷ ମାନସ କୁମାର ଜେନାଙ୍କ ସଭାପତିତ୍ୱରେ ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏହା ଘୋଷଣା କରିଥିଲେ । ୩ ଥର ସରପଞ୍ଚ ଓ ଥରେ ସମିତିସଦସ୍ୟ ଭାବେ ଉପାନ୍ତ ସର୍ଦ୍ଦାରବନ୍ଧ ପଞ୍ଚାୟତରୁ ଜିଣି ବିଜେଡି ପ୍ରତି ଅନୁରକ୍ତି ଥିବାରୁ ତାଙ୍କୁ ଏହି ପଦବୀ ଦିଆଯାଇଥିବା ମନ୍ତ୍ରୀ ପାତ୍ର, ପୌରପାଳ ପ୍ରତୀପ କୁମାର ପ୍ରଧାନ, ଜିଲା ପରିଷଦ ଉପାଧକ୍ଷା ଅନୁସୂୟା ପ୍ରଧାନ କହିଛନ୍ତି। ନିଷ୍ଠାପର ସହକାରେ କାର୍ଯ୍ୟ ତୁଲାଇବା ସହ ଦଳ ବିରୋଧୀ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯିବ ନାହିଁ ବୋଲି ସମ୍ବର୍ଦ୍ଧନାର ଉତ୍ତରରେ କହିଥିଲେ।

### ସିଦ୍ଧ ମହାବୀର ମନ୍ଦିର ବାର୍ଷିକୋତ୍ସବ

ଭଦ୍ରକ ଅଫିସ, ୧୬।୪-ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଆଡ଼ିଆ ପଞ୍ଚାୟତ ଗିରିଧାରୀ ନଗରଠାରେ ଶ୍ରୀ ଶ୍ରୀ ସିଦ୍ଧ ମହାବୀର ମନ୍ଦିରର ୧୦ମ ବାର୍ଷିକୋତ୍ସବ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବେ ନଟବର ପଣ୍ଡା ଓ ବସନ୍ତ ପଣ୍ଡା ପୂଜାର୍ଚ୍ଚନା କରିବା ସହ କାର୍ତ୍ତିକ ଶତପଥୀ ଓ ସାଥୀମାନେ ସୁନ୍ଦରକାଣ୍ଡ, ହନୁମାନ ଚାଳିଶା ପାଠ କରିଥିଲେ। ଏହି ଅବସରରେ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ଓ ଅଞ୍ଚଳର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂଜା କମିଟି ସଦସ୍ୟ କାଳନ୍ଦୀ ଚରଣ ଖୁଣ୍ଟିଆ, ବିଶ୍ୱନାଥ ଜେନା, ଅରୁଣ ସାମଲ, କାଶୀନାଥ ଜେନା, ଅଭିରାମ ସାମଲ, ଆଲୋକ ଜେନା, ଜିତେନ୍ଦ୍ର ଜେନା, ଟିକନ ସାମଲ, ତପନ ଖୁଣ୍ଟିଆ, ବେଣୁଧର ଜେନା, ଜୀବନ ଜେନା, ନାରାୟଣ ଖୁଣ୍ଟିଆ, ମଧୁସୂଦନ ସାମଲ, ରବୀନ୍ଦ୍ର ଜେନା, ନିରଞ୍ଜନ ଜେନା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## କୁଲଡିହାରେ ହାତୀମୃତ୍ୟୁ ଘଟଣା

# ତଦନ୍ତ କଲା ଉଚ୍ଚସ୍ତରୀୟ କମିଟି

ନୀଳଗିରି, ୧୬।୪(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି କୁଳଡ଼ିହା ଅଭୟାରଣ୍ୟରେ ବିଗତ ଦିନରେ ୧୦୦ରୁ ଉର୍ଦ୍ଧ୍ୱ ହାତୀ ରହୁଥିବା ବେଳେ ଗତ ୧୪ମାସ ମଧ୍ୟରେ କ୍ରମାଗତ ଭାବେ ୮ ହାତୀଙ୍କର ମୃତ୍ୟୁ ହୋଇଛି। ଅଭୟାରଣ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ହାତୀ ମୃତ୍ୟୁର କାରଣ ଖୋଜିବା ଏବଂ ଶିକାରୀଙ୍କ ଅଖଣ୍ଡ ଶିକାରକୁ ପ୍ରତିହତ ସହ ହାତୀମାନଙ୍କୁ କିଭଳି ଅଧିକ ସୁରକ୍ଷା ଦିଆଯିବ ସେନେଇ ନୂତନ ରଣ କୌଶଳ ଶିକ୍ଷା ଦେବା ଉଦ୍ଦେଶ୍ୟରେ ରବିବାର ଏକ ଉଚ୍ଚସ୍ତରୀୟ କମିଟି କୁଳଡ଼ିହାରେ ପହଞ୍ଚିଛନ୍ତି।


କୁଳଡିହା ଅଭୟାରଣ୍ୟରେ ଉଚ୍ଚସ୍ତରୀୟ କମିଟି।

ବାରିପଦା ସର୍କଲର ଆର୍‌ସିସିଏଫ୍ ପ୍ରକାଶ ଚାନ୍ଦ ଗୋଗିନାନୀଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ କମିଟି କୁଲଡ଼ିହା ଅଭୟାରଣ୍ୟର ଘଞ୍ଚ ଜଙ୍ଗଲ ସହ ପାହାଡ଼ର ଶୀର୍ଷସ୍ଥାନକୁ ଯାଇ କିଭଳି ଅଭୟାରଣ୍ୟର ସମସ୍ୟା ଅଗ୍ରାଧିକାର ଭିତ୍ତିରେ ସମାଧାନ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟତଃ ଅଭୟାରଣ୍ୟରେ ସମସ୍ତ ହାତୀଙ୍କୁ ଟ୍ରାକ୍ କରିବା, ହାତୀ ଓ ଶିକାରୀଙ୍କ ଗତିବିଧିକୁ ଲକ୍ଷ୍ୟ କରିବା, ସମସ୍ତ ବିଟ୍‌ରେ ପାଟ୍ରୋଲିଂ କଡ଼ାକଡ଼ି ଉଦ୍ଦେଶ୍ୟରେ ପରିଦର୍ଶନ କରିଥିଲେ। ଏହି ଉଚ୍ଚସ୍ତରୀୟ କମିଟିରେ ଆର୍‌ସିସିଏଫ୍‌ଙ୍କ ସମେତ ବାଲେଶ୍ୱର ଡିଏଫ୍‌ଓ ଖୁସଓ୍ୱନ୍ତ ସିଂହ, ବାଲେଶ୍ୱର ଏସିଏଫ୍ ଶୋଭନଦିଗନ୍ତ ଚାନ୍ଦ, କୁଲଡ଼ିହା ରେଞ୍ଜର ଅନନ୍ତ କୁମାର ଜେନା, ସ୍ଥାନୀୟ ଫରେଷ୍ଟର ସମେତ ୪ଟି ବିଟ୍‌ର ଗାର୍ଡ଼ ଓ ଅନ୍ୟ ବନବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

### ପୁଣି ଏକ ମାଈ ହାତୀ ଅସୁସ୍ଥ

ନୀଳଗିରି କୁଲଡିହା ଅଭୟାରଣ୍ୟରେ ପୁଣି ଏକ ମାଈ ହାତୀ ଅସୁସ୍ଥ ହୋଇଥିବା ଜଣାପଡିଛି। ଝରଣାଘାଟି ସେକ୍ସନରେ ମାଈହାତୀଟି ବାମ ଗୋଡ଼ ଆଘାତ ପାଇ ଧୀରେ ଧୀରେ ଚାଲୁଥିବାରୁ ବନବିଭାଗ ନଜର ରଖିଛି।

## ୨୬ରୁ ଭୁଜାଖିଆ ପୀରବାବାଙ୍କ ବାର୍ଷିକ ଉତ୍ସବ

ବାଲେଶ୍ୱର ଅଫିସ,୧୬।୪

ବାଲେଶ୍ୱର ସହର ସୁନହଟ୍‌ରେ ଥିବା ଭୁଜାଖିଆ ପୀରବାବାଙ୍କ ୭୯ତମ ବାର୍ଷିକ ଉତ୍ସବ ପାଳନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାବା ଭୁଜାଖିଆ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ବୈଠକରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ସାଇରୁଲ ହକ୍ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୬ରୁ ୨୮ତାରିଖ ୩ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବାବାଙ୍କ ବାର୍ଷିକ ପାଳନ କରାଯିବ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ପୌରାଧକ୍ଷା ସବିତା ସାହୁ, ପୌର ଉପାଧକ୍ଷ କୈଳାସ ଚନ୍ଦ୍ର ସେଠୀ, ଯୁବ ସଙ୍ଗଠକ ବିକ୍ରମ ପଣ୍ଡା, ସିଟି ଡିଏସ୍‌ପି ଗାୟତ୍ରୀବାଳା ପ୍ରଧାନ, ଡିଆଇବି ଡିଏସ୍‌ପି ବ୍ରଜେଶ୍ୱରୀ ବଳ, ଟାଉନ ଥାନା ଅଧିକାରୀ ପର୍ଶୁରାମ ସାହୁ, ସଭାପତି ସେକ୍ ଅବଦୁଲ ରଫିକ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଶାନ୍ତିଶୃଙ୍ଖଳାରେ ସହ କିପରି ଚଳିତବର୍ଷର ଉତ୍ସବ ପାଳନ କରାଯିବ ସେନେଇ ଆଲୋଚନା କରିଥିଲେ।

ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଗାଡ଼ି ପାର୍କିଂ ସୁନହଟ ହସ୍‌ପିଟାଲ ପରିସରରେ ବ୍ୟବସ୍ଥା କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବିଦ୍ୟୁତ୍ କାଟ୍ ନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିବା ବେଳେ ତୁରନ୍ତ ରାସ୍ତାଘାଟ ମରାମତି କରାଯିବା ପାଇଁ ବିଧାୟକ ଏବଂ ପୌରାଧକ୍ଷାଙ୍କ ସହିତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସେକ୍ ଅବଦୁଲ ବୁରହାନ ଓ ସେକ୍ ଗୋଲାମ ମଜାମ୍ମିଲ ଆୟୋଜନ କରିବାରେ ସହଯୋଗ କରିଥିଲେ। କମିଟି ସମ୍ପାଦକ ସେକ୍ ଜହିରଉଦ୍ଦିନ୍ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଆୟୁବ ଖାଁ, ରୋଜାଲିନ ପାଣି, ପୂର୍ବତନ କାଉନସିଲର ଇନ୍ତେଖାବ ଅଲ୍ଲୀ ଖାଁ, ଚିନ୍ମୟକାନ୍ତି ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବୈଠକରେ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଅତିଥିଗଣ।

### ବାର୍‌ହା ଆକ୍ରମଣରେ ଜଣେ ଗୁରୁତର

ବଡ଼ବିଲ/ଯୋଡ଼ା,୧୬।୪(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ବଡ଼ବିଲ ବନାଞ୍ଚଳ ଅଧୀନ ମୂର୍ଗାବେଡ଼ା ଅଞ୍ଚଳରେ ବାର୍‌ହା ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ହେଲେ ସୁରେଶ ଲାଗୁରୀ। ତାଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରବିବାର ସକାଳେ ସୁରେଶ ଶୌଚ ପାଇଁ ଗ୍ରାମ ନିକଟସ୍ଥ ନାଳକୁ ଯାଇଥିଲେ। ସେଠାରେ ସେ ଏକ ବାର୍‌ହା ହାବୁଡ଼ରେ ପଡ଼ିଯାଇଥିଲେ। ବାର୍‌ହାଟି ତାଙ୍କର ବାମ ଗୋଡ଼କୁ କାମୁଡ଼ି ଧରି ଝୁଣି ପକାଇଥିଲା। ତେବେ ବାରହା ସହ ସଂଘର୍ଷ କରି ଖସି ଆସିଥିଲେ।

### କାର ସହ ବାଇକ୍ ମୁହାଁମୁହିଁ, ଦୁଇ ଗୁରୁତର

କୋଡ଼ପଡ଼ା,୧୬।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର-ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥର ଫକିରପୁର ସେଣ୍ଟମେରୀ ସ୍କୁଲ ନିକଟରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାର-ବାଇକ୍ ମୁହାଁମୁହିଁ ଧକ୍କା ଫଳରେ ୨ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ପ୍ରକାଶ ଯେ, ଭୁବନେଶ୍ୱରରୁ ରଞ୍ଜନ ଜେନା (୨୩) ତାଙ୍କ ଭଉଣୀ ମିନତୀ ଜେନା (୨୫)ଙ୍କୁ ବାଇକ ଯୋଗେ ମରେଇଗାଁ ପଞ୍ଚାୟତ ଏଲକଣା ଗ୍ରାମକୁ ଆସୁଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ହୁଣ୍ଡାଇ କ୍ରେଟା କାର ସହ ତାଙ୍କ ବାଇକ୍ ମହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ରଞ୍ଜନଙ୍କ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ମିନତୀ ରାସ୍ତା ଉପରକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଆନନ୍ଦପୁର ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା କାର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ଦୁର୍ଘଟଣା ଗ୍ରସ୍ତ ବାଇକ୍ ଓ କାରକୁ ଜବତ କରି ତଦନ୍ତ କରୁଛି।

## ଡାକ୍ତରଖାନାରେ ଡାଟା ଏଣ୍ଟ୍ରି କରୁଛନ୍ତି ସମିତିସଭ୍ୟ

କେନ୍ଦୁଝର/ହାଟଡ଼ିହି,୧୬।୪(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ୍ ମରେଇଗାଁ ପଞ୍ଚାୟତର ସମିତି ସଭ୍ୟ ଡାଟା ଏଣ୍ଟ୍ରି କାମ କରୁଛନ୍ତି। ଏ ନେଇ ଦରମା ପାଉଥିବା ବେଳେ ସମିତି ସଭ୍ୟ ଭାବେ ମଧ୍ୟ ମାସିକ ଭତ୍ତା ନେଉଥିବା ଅଭିଯୋଗ ହୋଇଛି। ଜଣେ ଜନ ପ୍ରତିନିଧି ଭାବେ ସରକାରୀ ଭତ୍ତା ପାଉଥିବା ବେଳେ ପୁଣି କିପରି ଏକ ସରକାରୀ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ଗତ ପଞ୍ଚାୟତ ନିର୍ବାଚନରେ ମରେଇଗାଁ ପଞ୍ଚାୟତର ସମିତି ସଭ୍ୟ ଭାବେ କିଶୋର ସୋରେନ ନିର୍ବାଚିତ ହୋଇଛନ୍ତି। ସମିତି ସଭ୍ୟ ଭାବେ ବିଭିନ୍ନ ସରକାରୀ କାର୍ଯ୍ୟରେ ମଧ୍ୟ ଯୋଗଦେଉଛନ୍ତି। ମାତ୍ର ଗତ ୪ ମାସ ହେଲା ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉଟ ସୋର୍ସିଂ ସଂସ୍ଥା ଦ୍ୱାରା ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଛନ୍ତି। ଏ ନେଇ ଦରମା ମଧ୍ୟ ପାଉଛନ୍ତି ବୋଲି ନିଜେ ସମିତି ସଭ୍ୟ କିଶୋର ସୋରେନ କହିଛନ୍ତି। ଏନେଇ ବିପିଏମ୍(ବ୍ଲକ୍ ପ୍ରୋଜେକ୍ଟ ମ୍ୟାନେଜର) ଚନ୍ଦନ ସାହୁ କହିଛନ୍ତି, ଉକ୍ତ ବ୍ୟକ୍ତି ଜଣକ ସମିତି ସଭ୍ୟ ଥିବା ସେ ଜାଣି ନାହାନ୍ତି। ଶାଳନିଆ ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ ଚନ୍ଦ୍ର ନାୟକ କହିଛନ୍ତି, ଜଣେ ଲୋକ ପ୍ରତିନିଧି ସରକାରୀ ଚାକିରି କରି ପାରିବେନାହିଁ। ତେବେ ବ୍ୟକ୍ତି ଜଣକ କିପରି ନିଯୁକ୍ତି ପାଇଲେ ଜାଣିନାହାନ୍ତି ବୋଲି ସେ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ଜଣେ ସମିତି ସଭ୍ୟ ସରକାରୀ ନିଯୁକ୍ତି କିପରି ପାଇଲେ ସେ ଜାଣିନାହାନ୍ତି। ସେ ବିଷୟରେ ବୁଝିଲେ କହିପାରିବେ। ଶାଳନିଆ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ କହିଛନ୍ତି, ସମିତି ସଭ୍ୟମାନଙ୍କୁ ମାସିକିଆ ଭତ୍ତା ମିଳେ। ଜଣେ ସମିତି ସଭ୍ୟ ସରକାରୀ ଚାକିରି କରିପାରିବେନାହିଁ। ସେ ଜନ ପ୍ରତିନିଧି ଥାଇ କିପରି ସରକାରୀ ସଂସ୍ଥାରେ କାର୍ଯ୍ୟ କରି ଦରମା ପାଉଛନ୍ତି ତାହା ତଦନ୍ତ ସାପେକ୍ଷ। ଏ ବାବଦରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ସମିତି ସଭ୍ୟ ସରକାରୀ ଚାକିରି କରିପାରିବେ। ହାଟଡିହୀ ବ୍ଲକ୍ ଅଧକ୍ଷା ସାବିତ୍ରୀ ସେଠୀ କହିଛନ୍ତି, ସମିତି ସଭ୍ୟମାନେ ମାସକୁ ଏବେ ୨୫୦୦ ଟଙ୍କା ଦରମା ପାଉଛନ୍ତି। ସମିତି ସଭ୍ୟ ସରକାରୀ ଚାକିରି କରିପାରିବେନାହିଁ। ଘଟଣାର ଅନୁଧ୍ୟାନ କଲା ପରେ ଯାହା କହିବେ।




## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ଇତିଶ୍ରୀ


@କାହ୍ନୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ବିକାଶ ମଞ୍ଚର ସ୍ୱତନ୍ତ୍ର ଅଧିବେଶନ

ବଡ଼ସାହି,୧୬।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବଡ଼ସାହି, ବେତନଟୀ, ମୋରଡ଼ା, ରାସଗୋବିନ୍ଦପୁର ପ୍ରଭୃତି ବ୍ଲକକୁ ନେଇ ଗଠିତ ଅଣରାଜନୈତିକ ଓ ସାମାଜିକ ସଂଗଠନ ବିକାଶ ମଞ୍ଚର ବନ୍ଧୁମିଳନ ଏବଂ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବଡ଼ସାହି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ରଣଜିତ କୁମାର ଦାସ ସଭାପତିତ୍ୱ କରିଥିଲେ। ମଞ୍ଚର ସଦସ୍ୟ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଂଯୋଜକ ଶଚୀନ୍ଦ୍ର କୁମାର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଂଯୋଜକ ଅରୁଣ କୁମାର ଓତା ମଞ୍ଚର ଆଭିମୁଖ୍ୟ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ସଦସ୍ୟ ଡ.ଜଗନ୍ନାଥ ପାତ୍ର ମଞ୍ଚର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ବରିଷ୍ଠ ସଦସ୍ୟ ଚୂଡାମଣି ମହାପାତ୍ର, ରାଜେନ୍ଦ୍ର କୁମାର ଜେନା, ମନୋରଞ୍ଜନ ବଳ, ସୁବୋଧ କୁମାର ଦଣ୍ଡପାଟ, ସମରେନ୍ଦ୍ର ବେହେରା, ଭଗବାନ ବିଶ୍ୱାଳ, ରବୀନ୍ଦ୍ର ମିଶ୍ର, ସ୍ୱରୂପ ପଟ୍ଟନାୟକ ପ୍ରମୁଖ ୪ବ୍ଲକର ସ୍ୱାସ୍ଥ୍ୟ, ଶିକ୍ଷା,କୃଷି, ବିଜ୍ଞାନ,ଗମନାଗମନ ସମ୍ବନ୍ଧୀୟ ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ମଞ୍ଚର ଆବାହକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ ମଞ୍ଚକୁ ରାଜନୈତିକ ପ୍ରଭାବ ଓ ପ୍ରତିଦ୍ୱନ୍ଦ୍ୱିତାରୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସଦସ୍ୟ ବସନ୍ତ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବା ବିକାଶ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆମ୍ବେଡ୍‌କର ଜୟନ୍ତୀ



ମଞ୍ଚାସୀନ ଅତିଥିବୃନ୍ଦ।

ଯୋଡ଼ା,୧୬।୪(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଅଧୀନସ୍ଥ ଜୁରୁଡ଼ି ଓଏମ୍‌ସି ଲାଲ ଗେଟ ନିକଟରେ ଡ. ଭୀମରାଓ ଆମ୍ବେଡ୍‌କରଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜଳହରି ଯୁବା ବିକାଶ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ହୋ ସମାଜ ଉପୁରମ ଜୁମୁର୍ ଟ୍ରଷ୍ଟର ସଭାପତି ସତ୍ୟଜିତ୍ ଲାଗୁରି, ମୁଖ୍ୟ ବକ୍ତାଭାବେ ବିଭୀଷଣ କନ୍ଦମୁକା, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ଜଳହରି ସରପଞ୍ଚ ନରେନ୍ଦ୍ର ମୁଣ୍ଡା, ଜୁରୁଡ଼ି ସରପଞ୍ଚ ସୁଭକାନ୍ତୀ ସୋଏ, ଗୋବର୍ଦ୍ଧନ ସରପଞ୍ଚ ସଞ୍ଜୟ ହାଁସଦା, ଓଡ଼ିଶା ବହୁ ଭାଷୀ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଧନୁର୍ଜୟ ମୁଣ୍ଡା, ପଦ୍ମଲୋଚନ ସୋଏ, ମଙ୍ଗଳ ମୁଣ୍ଡା, ଧନୁର୍ଜୟ ଲାଗୁରି, ସଞ୍ଜୟ ମୁଣ୍ଡା ପ୍ରମୁଖ ଯୋଗଦେଇ ଜୀବନୀ, ସମାଜ ପାଇଁ ସଂଘର୍ଷ ସହ ନାରୀମାନଙ୍କ ସୁରକ୍ଷା, ଶିକ୍ଷା, ଦଳିତ ବର୍ଗଙ୍କ ସମାଜରେ ସମାନତାର ସହ ବଞ୍ଚିବାର ଅଧିକାର ବାବାସାହେବଙ୍କ ଯୋଗୁ ସମ୍ଭବ ହୋଇଛି ବୋଲି ଅଭିଭାଷଣରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଜଜାଙ୍ଗ, ଜଳହରି, ବାମେବାରି ଶିଶୁ ବିଦ୍ୟାମନ୍ଦିର, ଓଏମ୍ସି ଡିଏଭି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆମ୍ବେଡ୍‌କରଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

## ଶାନ୍ତି ବଜାୟ ରଖିବାକୁ ନିବେଦନ

### ଛକର ନାମ ପରିବର୍ତ୍ତନକୁ ନେଇ ଉତ୍ତେଜନା ଘଟଣା

ଭଦ୍ରକ ଅଫିସ, ୧୬।୪

ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ଓରାଳି ଛକର ନାମ ପରିବର୍ତ୍ତନକୁ ନେଇ ଶନିବାର ରାତିରେ ଦୁଇ ଗାଁ ମଧ୍ୟରେ ସଂଘର୍ଷ ଘଟି ଉତ୍ତେଜନା ଦେଖାଦେଇଥିଲା। ସଂଘବଦ୍ଧ ଆକ୍ରମଣ, ଦୋକାନ ଭଙ୍ଗାରୁଜା ପରେ ଦୋକାନ, କାର୍ ଓ ବାଇକ୍ ଜାଳି ଦେଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ରବିବାର ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଭଦ୍ରକ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା ଓ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଘଟଣାସ୍ଥଳରେ ପହଞ୍ଚି ପୋଲିସ ପ୍ରଶାସନ ସହ ଆଲୋଚନା କରିଥିଲେ। ଶାନ୍ତି ବଜାୟ ରଖିବାକୁ ସ୍ଥାନୀୟ ଲୋକଙ୍କୁ ନିବେଦନ କରିଛନ୍ତି। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରସ୍ପର ମଧ୍ୟରେ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଥିବା ବେଳେ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଭୁଶୁଡ଼ି ପଡ଼ିଛି ବୋଲି ସେ କହିଥିଲେ। ଏହି ପ୍ରତିନିଧି ଦଳରେ ବନ୍ତ ମଣ୍ଡଳ ସଭାପତି ଖଗେଶ୍ୱର ବେହେରା, ପୂର୍ବତନ ସରପଞ୍ଚ କିଶୋର କିଙ୍କର ପଢ଼ିଆରୀ, ଅଶୋକ ପରିଜା, ସନ୍ତୋଷ ନାୟକ, ମହେଶ୍ୱର ରାଉତ ପ୍ରମୁଖ ସାମିଲ ଥିଲେ।


ଘଟଣାସ୍ଥଳରେ ଭାଜପା ପ୍ରତିନିଧି ଦଳ।

## ମନ୍ତେଇ ନଦୀରେ ନିର୍ମାଣ ହେବ ୨ ପୋଲ

### ହଟିଲା କେନ୍ଦ୍ର ସରକାରଙ୍କ କଟକଣା

ବାସୁଦେବପୁର, ୧୬।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଦେଇ ପ୍ରବାହିତ ମନ୍ତେଇ ନଦୀର କେରସାହି ଓ ଚାରିବାଟିଆ ଘାଟଠାରେ ବିଶ୍ୱବ୍ୟାଙ୍କ ସହାୟତାରେ ଇପିସି ମଡେଲରେ ୬୪.୧୩ କୋଟି ବ୍ୟୟରେ ୨ଟି ପୋଲ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବାସୁଦେବପୁରସ୍ଥିତ ତାଙ୍କ ବାସଭବନରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୂର୍ବରୁ ଥିବା ସମସ୍ତ କଟକଣା କେନ୍ଦ୍ର ସରକାର ହଟାଇ ନେବା ପରେ ମନ୍ତେଇ ନଦୀରେ ପୋଲ ନିର୍ମାଣ ପାଇଁ ବାଟ ଫିଟିଛି। ଆସନ୍ତା ମେ' ୨୩ରେ ଟେଣ୍ଡର ଖୋଲାଯିବ। ପୂର୍ତ୍ତ ବିଭାଗ ତଦାରଖ ଦାୟିତ୍ୱ ନେବା ସହ ଧାର୍ଯ୍ୟ ସମୟ ମଧ୍ୟରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

ପୂର୍ବରୁ ୧୦ରୁ ଉର୍ଦ୍ଧ୍ୱ ଥର ଏହି ପୋଲ ନିର୍ମାଣ ପାଇଁ ଟେଣ୍ଡର ଆର୍‌ଡି ବିଭାଗ କରିଥିଲେ ମଧ୍ୟ ବିଭିନ୍ନ କଟକଣା, ପ୍ରତିବନ୍ଧକ ଓ ଆର୍ଥିକ ସମସ୍ୟା ଯୋଗୁ ଠିକାଦାରମାନେ ଆଗ୍ରହ ପ୍ରକାଶ କରୁ ନ ଥିଲେ। ଭାରତ ସରକାରଙ୍କ ଇନଲ୍ୟାଣ୍ଡ ୱାଟର ୱେଭେନେଲ ଅଧୀନରେ ଏହି ନଦୀ ଆସୁଥିବା ବେଳେ ଜାହାଜ ଚଳାଚଳ କ୍ଷେତ୍ରରେ ପ୍ରତିବନ୍ଧକ ଆଶଙ୍କା ଉପୁଜିଥିବାରୁ କେନ୍ଦ୍ର ସରକାରଙ୍କଠାରୁ ଏନେଇ ଅନୁମତି ମିଳୁ ନ ଥିଲା। ବାସୁଦେବପୁରର ଜନସାଧାରଣଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟ ଓ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହ ଆଲୋଚନା ପରେ କେନ୍ଦ୍ର ସରକାର ଏହି ନଦୀରେ ପୋଲ ନିର୍ମାଣ ପାଇଁ ଅନୁମତି ଦେଇଥିଲେ। ପରବର୍ତ୍ତୀ ସମୟରେ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ, ବିଧାୟକ ରାଉତରାୟ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ସହ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ବୈଠକ କରାଯାଇ ପୋଲ ନିର୍ମାଣ ନିମନ୍ତେ ସମସ୍ତ ଆବଶ୍ୟକ ଖର୍ଚ୍ଚ ଇପିସି ମଡେଲ ମାଧ୍ୟମରେ ଯୋଗାଇ ଦିଆଯିବ ବୋଲି ବିଧାୟକ କହିଛନ୍ତି। ମନ୍ତେଇ ନଦୀରେ ମଧ୍ୟ ମାଧପୁର, ମାଟିଆସାହି, ଶଙ୍କରପୁର ପୋଲ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଦଧିବାମନପୁର ପୋଲ କାର୍ଯ୍ୟକ୍ଷମ ହୋଇଥିବା ସେ କହିଥିଲେ। ଏନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ବିଧାୟକ ପ୍ରତିନିଧି ଅସିତ ଦାସ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା, ଦୀନବନ୍ଧୁ ଦାସ, ଯୁବନେତା ମାନସ ସାହୁ, ଦେବଦର୍ଶନ ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

## ରଟିଣା ଉଡ଼ାପର୍ବରେ ୨୨ ଭକ୍ତ

ଖଇରା, ୧୬।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣା ଗ୍ରାମର ମା' ଘଣ୍ଟବାସୁଳୀ ପୀଠରେ ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଉଡାପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସହଯୋଗରେ ନିର୍ମିତ ପାଟୁଆ ପଡିଆକୁ ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ୨୨ଜଣ ମାନସିକଧାରୀ ଭକ୍ତା ଉଡିବା ସହ ନିଆଁରେ ଚାଲିଥିଲେ। ଚିନ୍ତାମଣି ପାଣିଗ୍ରାହୀ, ବାବୁଲା ପଣ୍ଡା, ଗୋପାଳ ଦାଶ ଓ ବିଚିତ୍ର ଦାଶ ପ୍ରମୁଖ ସହଯୋଗ କରିଥିଲେ ।

